

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୧ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 01 DECEMBER 2023

Vol.No. 34 ■ No. 314■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୫ଟି ରାଜ୍ୟର ନିର୍ବାଚନ ପରେ ବିଭିନ୍ନ ଏକଜିଟ୍ ପୋଲ ଫଳାଫଳ

## ମିଜୋରାମରେ ରହିବ ଆଂଚଳିକ ଦଳର ପ୍ରଭାବ, ଏମ୍ଏନ୍ଏଫ୍ ଓ ଜେଡ୍ ପିଏମ୍ ମଧ୍ୟରେ କଡ଼ା ଟକ୍କର

ମିଜୋରାମ: ନିର୍ବାଚନ ଫଳାଫଳ ପୂର୍ବରୁ ବିଭିନ୍ନ ଗଣାଧମରେ ଏକ୍ଜିଟ୍ ପୋଲ୍ ପ୍ରକାଶ ପାଇଛି। ମଧ୍ୟ ପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନା,ଛତିଶଗଡ଼ ଓ ମିଜୋରାମ ପାଇଁ ସମ୍ଭାବ୍ୟ କ୍ଷମତା ସୀନ ଦଳର ରେଜଲ୍ଟ ପ୍ରକାଶ କରିଛନ୍ତି ଗଣମାଧ୍ୟମ। ମିଜୋରାମରେ ମୋଟ ୪୦ ଆସନରେ ଭୋଟ ହୋଇଛି। ସରକାର ଗଢ଼ିବାକୁ ହେଲେ ମ୍ୟାଜିକ ନମ୍ବର ୨୧। ମିଜୋରାମ୍‌ରେ ଏକ୍ଜିଟ୍ ପୋଲ କଣ କହୁଛି ଆସନ୍ତୁ ଜାଣିବା।

ଏବିପି ସି ଭୋଟର ସର୍ଭେ- ମିଜୋରାମରେ ମିଜୋ ନ୍ୟାସ୍‌ନାଲ ଫ୍ରଣ୍ଟକୁ(ଏମ୍ଏନ୍ଏଫ୍) ଅଧିକ ଆସନ ମିଳିଛି। ଏମ୍ଏନ୍ଏଫ୍ ପରେ ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ(ଜେଡ୍.ପି.ଏମ୍), ତା ପଛକୁ କଂଗ୍ରେସ ଓ ଶେଷରେ ବିଜେପି ରହିଛି। ସି ଭୋଟର ସର୍ଭେ ଅନୁସାରେ ଏମ୍ଏନ୍ଏଫ୍‌କୁ (୧୫-୨୧) ଜେଡ୍.ପି.ଏମ୍‌କୁ (୧୨-୧୮), କଂଗ୍ରେସକୁ (୨-୮), ବିଜେପିକୁ (୦ )ଆସନ ମିଳିବ ବୋଲି କହିଛି।

ଇଣ୍ଡିଆ ଟିଭି ସିଏନ୍ଏକ୍ସ- ଏମ୍ଏନ୍ଏଫ୍(୧୪-୧୮), ଜେଡ୍.ପି.ଏମ୍(୧୨-୧୬), ▶▶ପୃଷ୍ଠା ୭

## କିଏ ଛୁଇଁବ ମ୍ୟାଜିକ ନମ୍ବର- କମଳ ନା କମଲନାଥ ?



ମଧ୍ୟପ୍ରଦେଶ: ମଧ୍ୟପ୍ରଦେଶରେ ୨୩୦ ବିଧାନସଭା ଆସନରେ ଭୋଟ୍ ସରିଛି। ଡିସେମ୍ବର ୩ରେ ଆସିବ ରେଜଲ୍ଟ। ଏହାପୂର୍ବରୁ ଆସିଛି ବୁଥ୍ ବାହୁଡା ମତ। ରିପ୍ଲବିକ୍ ଟିଭି ଏକଜିଟ୍ ପୋଲ୍ ଅନୁସାରେ ବିଜେପିକୁ ଅଧିକ ସିଟ୍ ମିଳିବ। ବିଜେପିକୁ ୧୧୮-୧୩୦ ସିଟ୍ ମିଳିବ। ସେହିପରି କଂଗ୍ରେସକୁ ୯୭-୧୦୭ ଓ ଅନ୍ୟ ୦-୨ ସିଟ୍ ମିଳିବ। ସେହିପରି ଇଣ୍ଡିଆ ଟୁଡେ ସି-ଭୋଟର ଅନୁସାରେ ବିଜେପିକୁ ୧୦୬-୧୧୬, କଂଗ୍ରେସକୁ ୧୧୧-୧୨୧ ଓ ଅନ୍ୟ ୦-୬ ସିଟ୍ ମିଳିବ। ଜନ୍ କି ବାତ୍‌ର ଏକଜିଟ୍ ପୋଲ୍ ଅନୁସାରେ ବିଜେପିକୁ ୧୦୦-୧୨୩, କଂଗ୍ରେସକୁ ୧୦୨-୧୨୫ ସିଟ୍ ମିଳିବ। ସେହିପରି ଟିଭି-୯ ଭାରତବର୍ଷ ଅନୁସାରେ ବିଜେପିକୁ ୧୦୬-୧୧୬, କଂଗ୍ରେସକୁ ୧୧୧-୧୨୧ ସିଟ ମିଳିପାରେ। ଡିସେମ୍ବର ୩ରେ ଫଳାଫଳ ଘୋଷଣା ହେବା ପରେ ରାଜ୍ୟରେ କିଏ କ୍ଷମତାରେ ରହିବ ତାହା ସ୍ଥିର ହେବ। ତେବେ ଫଳାଫଳର ତିନି ଦିନ ପୂର୍ବରୁ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାରେ ଏକ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ନଭେମ୍ବର ୩୦ରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଇକବାଲ ସିଂ ବାଇସ ଅବସର ନେଇଥିବାବେଳେ ଭେରା ରାଣା ନୂତନ ମୁଖ୍ୟ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମଧ୍ୟପ୍ରଦେଶର ନିର୍ବାଚନ ମୈଦାନରେ ୨୫୩୪ପ୍ରାର୍ଥୀ ରାଜ୍ୟର ୨୩୦ଟି ବିଧାନସଭା ଆସନରେ ଭାଗ୍ୟ ପରୀକ୍ଷା ଦେଇଛନ୍ତି। ଡିସେମ୍ବର ୩ରେ ନିର୍ବାଚନର ଫଳ ପ୍ରକାଶ ପାଇବ। ମଧ୍ୟପ୍ରଦେଶରେ ପୁନର୍ବାର ସରକାର ଗଠନ କରିବାକୁ ଭାରତୀୟ ଜନତା ପାର୍ଟି ନା କଂଗ୍ରେସ ଏଥର କ୍ଷମତାର ସିଂହାସନରେ ବସିବାକୁ ଯାଉଛି ?

## ପରମ୍ପରା ବଜାଇ ରଖିବ ରାଜସ୍ଥାନ, ଫେରିବ କି ବିଜେପି ସରକାର ?



ଜୟପୁର: ନଭେମ୍ବର ୨୫ ତାରିଖରେ ରାଜସ୍ଥାନ ନିର୍ବାଚନ ଶେଷ ହୋଇଛି। ଏବେ ଫଳାଫଳ ପାଇଁ ଡିସେମ୍ବର ୩ ତାରିଖକୁ ଅପେକ୍ଷା। ହେଲେ ତା ପୂର୍ବରୁ ରାଜସ୍ଥାନର ପାଣିପାଗ କ'ଣ କହୁଛି, କାହା ନାଁରେ ରାଜନୈତିକ ହାୱା ବହୁଛି ? କାହାକୁ ଅଧିକ ଆସନ ମିଳିବାର ସମ୍ଭାବନା ରହିଛି ଏସବୁ ଜାଣିବାକୁ ଲୋକଙ୍କ ମନରେ ଉତ୍କଣ୍ଠା ଦେଖା ଦେଇଛି। ଲୋକଙ୍କ ଉତ୍କଣ୍ଠାକୁ ଖୋରାକ୍ ଯୋଗାଇବା ପାଇଁ ବିଭିନ୍ନ ମିଡିଆ ମଧ୍ୟ ନିର୍ବାଚନ ସମ୍ପର୍କିତ ଏକ୍ଜିଟ୍ ପୋଲ୍ ରିପୋର୍ଟ ପ୍ରକାଶ କରିଛନ୍ତି। ତେବେ କେଉଁ ମିଡିଆର ଏକ୍ଜିଟ୍ ପୋଲ୍ ରିପୋର୍ଟ କ'ଣ କହୁଛି ଆସନ୍ତୁ ଜାଣିବା।

ସି ଭୋଟର ସର୍ଭେ– ସି ଭୋଟର ସର୍ଭେର ଏକଜିଟ୍ ପୋଲ ଅନୁସାରେ, ରାଜସ୍ଥାନରେ ପୂର୍ବ ପରମ୍ପରା ବଜାଇ ରହିବ। ଏଥର କଂଗ୍ରେସ ହାରିବ ବିଜେପି ଫେରିବ। ▶▶ପୃଷ୍ଠା ୭

## ଛତିଶଗଡ଼ରେ ବିଜେପିକୁ ଲାଭ, କଂଗ୍ରେସକୁ ଝଟକା



ଛତିଶଗଡ଼: ବୁଥବାହୁଡ଼ା ମତରେ ନିର୍ବାଚନ ସରିଥିବା ରାଜ୍ୟରେ କେଉଁ ଦଳକୁ କେତେ ଆସନ ମିଳିବ ତାର ଏକ ସମ୍ଭାବିତ ତଥ୍ୟ ଦିଆଯାଇଥାଏ । ଚଳିତ ନିର୍ବାଚନରେ ଛତିଶଗଡରେ କଂଗ୍ରେସ ଓ ବିଜେପି ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳୁଛି। ଉଭୟ ପାର୍ଟି ସରକାର ଗଢିବା ପାଇଁ ଦାବି କରୁଛନ୍ତି । ଇଣ୍ଡିଆ ଟୁଡେ-ମାଇ ଆକ୍ସିସ୍ ଅନୁସାରେ ଛତିଶଗଡ଼ରେ ବିଜେପି ଓ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ । କଂଗ୍ରେସକୁ ୪୦-୫୦, ବିଜେପିକୁ ୩୬-୪୬ ଓ ଅନ୍ୟଙ୍କୁ ୧-୫ ଆସନ ମିଳିପାରେ । ସେହିପରି ଏବିପି ନ୍ୟୁଜ୍-ସି ଭୋଟର ଏକଜିଟ୍ ପୋଲରେ ବିଜେପିକୁ ୩୬-୪୮, କଂଗ୍ରେସକୁ ୪୧-୫୩ ଓ ଅନ୍ୟକୁ ୦-୪ ଆସନ ମିଳିବ । ଇଣ୍ଡିଆ ଟିଭି-ସିଏନଏକ୍ସ ଏକଜିଟ୍ ପୋଲରେ ବିଜେପିକୁ ୩୦-୪୦, କଂଗ୍ରେସକୁ ୪୬-୫୬ ଆସନ ମିଳୁଛି । ସେହିପରି ଜନ୍ କି ବାତ୍ ଏକଜିଟ୍ ପୋଲରେ ବିଜେପିକୁ ୩୪-୪୫, କଂଗ୍ରେସକୁ ୪୨-୫୩ ଆସନ ମିଳୁଥିବା ▶▶ପୃଷ୍ଠା ୭

## ତେଲେଙ୍ଗାନାରେ କଂଗ୍ରେସ ଆଗୁଆ: ଏକଜିଟ୍ ପୋଲରେ କଡ଼ା ଟକ୍କର

ହାଇଦ୍ରାବାଦ: ତେଲେଙ୍ଗାନାରେ ଆଜି ମତଦାନ ସରିବା ପରେ ଦେଶର ୫ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ନେଇ ଆସିଛି ଭୋଟ୍ ବାହୁଡ଼ା ମତ ଅର୍ଥାତ ଏକଜିଟ୍ ପୋଲ୍। ଏକଜିଟ୍ ପୋଲ୍ ଅନୁଯାୟୀ, ତେଲେଙ୍ଗାନାରେ କଂଗ୍ରେସ ଆଗୁଆ ରହିଛି। ଶାସକ ଭାରତୀୟ ରାଷ୍ଟ୍ରୀୟ ସମିତି ଦ୍ୱିତୀୟରେ ଥିବା ପୋଲ୍‌ରୁ ଆକଳନ କରାଯାଇଛି। ତେଲେଙ୍ଗାନା ପାଇଁ ପୋଲ୍ ଅଫ୍ ପୋଲ୍‌ରେ କଂଗ୍ରେସକୁ ୫୬ ସିଟ୍ ମିଳୁଥିବା ବେଳେ ବିଆରଏସକୁ ୪୮ ସିଟ୍ ଏବଂ ଅନ୍ୟକୁ ଶୂନ୍ୟ ସିଟ୍ ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ଛତିଶଗଡ଼ରେ ବିଜେପିକୁ ଲାଭ, କଂଗ୍ରେସକୁ ଝଟକା, ଜାଣନ୍ତୁ କାହାର ହେବ ସରକାର ସେହିପରି ଜନ କି ବାତ୍‌ର ଏକଜିଟ୍ ପୋଲ୍‌ରେ ମଧ୍ୟ କଂଗ୍ରେସ ଆଗୁଆ ରହିଛି। ଏଠାରେ ଦଳକୁ ୪୮ରୁ ୬୪ଟି ଆସନ ମିଳୁଥିବା ପୂର୍ବାନୁମାନ କରାଯାଇଛି। ସେହିପରି ବିଆରଏସକୁ ୪୦ରୁ ୫୫ ଆସନ ମିଳିବ ବୋଲି ଅନୁମାନ କରାଯାଇଛି। ଦକ୍ଷିଣ ଭାରତର ଏହି ରାଜ୍ୟରେ ବିଜେପିକୁ ୭ରୁ ୧୩ ସିଟ୍ ମିଳୁଥିବା ଜନ କି ବାତ୍ ଏକଜିଟ୍ ପୋଲ୍‌ରେ ଆକଳନ କରାଯାଇଛି। ସୂଚନାଯୋଗ୍ୟ, ତେଲେଙ୍ଗାନାର ମୋଟ୍ ବିଧାନସଭା ସିଟ୍ ସଂଖ୍ୟା ହେଉଛି ୧୧୯। ▶▶ପୃଷ୍ଠା ୭

## ଆସିଲେ ପ୍ରତ୍ୟୁଷାଙ୍କ ପୂର୍ବତନ ସ୍ୱାମୀ: ହେଲେ ଆସିଲେନି ସୋମାଲିକା



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ବିଜେଡି ବିଧାୟକ ବିଜୟ ଶଙ୍କର ଦାସ ବିବାହ ବିବାଦ ମାମଲାରେ ନୂଆ ଟ୍ୱିଷ୍ଟ ଆସିଛି। ବିଜୟଙ୍କ ଭାବି ପତ୍ନୀ ପ୍ରତ୍ୟୁଷା ନନ୍ଦ ପୂର୍ବରୁ ବିବାହିତ ଏବଂ ତାଙ୍କର ବିବାହ ବିଚ୍ଛେଦ ହୋଇସାରିଛି। ପ୍ରତ୍ୟୁଷାଙ୍କ ପୂର୍ବତନ ସ୍ୱାମୀ ତୃପ୍ତି ରଞ୍ଜନ ରାଉଳ ଆଜି ସବରେଜିଷ୍ଟ୍ରି ଅଫିସରେ ହାଜର ହୋଇ ଏହି ଦଲିଲ ଦାଖଲ କରିଛନ୍ତି। ଏହି ପ୍ରସଙ୍ଗରେ ଆଜି ତାଙ୍କୁ ଅଧିକାରୀଙ୍କ ପକ୍ଷରୁ ଜେରା ମଧ୍ୟ କରାଯାଇଛି। ଅନ୍ୟପଟେ ଆଜି ସୋମାଲିକା ହାଜର ହେବା କଥା। ହେଲେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହାଜର ହେଲେନି ସୋମାଲିକା। ଆଜିର ଶୁଣାଣି ପରେ ବିବାହ ▶▶ପୃଷ୍ଠା ୭

## ବନଦୁର୍ଗା ବସ୍‌କୁ ଧକ୍କା ଦେଲା ଟ୍ରକ୍



ବାଲେଶ୍ୱର, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ବଜାର ନିକଟରେ ଆଜି ସକାଳେ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍‌କୁ ଟ୍ରକ ପଛପଟୁ ଧକ୍କା ଦେବାରୁ ୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ଏକ ବଡ଼ ଦୁର୍ଘଟଣାରୁ ଅନ୍ୟ ଯାତୀମାନେ ବର୍ତ୍ତିଯାଇଛନ୍ତି। ଆହତ ଯାତ୍ରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ବନଦୁର୍ଗା ନାମକ ବସ୍‌ଟି ଯାତ୍ରୀମାନଙ୍କୁ ନେଇ ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଆସୁଥିଲା। ବାହାନଗା ବଜାର ନିକଟରେ ବସ୍‌କୁ ଟ୍ରକଟି ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୨ଜଣ ଯାତ୍ରୀ ଆହତ ହୋଇଥିଲେ। ହେଲେ ଅନ୍ୟ ଯାତ୍ରୀଙ୍କର କିଛି କ୍ଷତି ହୋଇନାହିଁ।

## ଭିଜିଲାନ୍ସ ଜାଲରେ ମହାଧୂର୍ତ୍ତ କନିଷ୍ଠ ଯନ୍ତ୍ରୀ: ଧରାଇଦେଲେ ପଡ଼ୋଶୀ



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ମହାଧୂର୍ତ୍ତ କନିଷ୍ଠ ଯନ୍ତ୍ରୀ ସୁନୀଲ କୁମାର ପାଢ଼ୀ । ଭିଜିଲାନ୍ସ ଟିମ୍‌କୁ ସକାଳୁ ସକାଳୁ ନିଜ ଘର ସମ୍ମୁଖରେ ଦେଖି ଛାତ ଡେଇଁ ଛୁ ମାରିଲେ। ଭିଜିଲାନ୍ସ ଟିମ୍ ତାଙ୍କ ଘରେ ଚଢ଼ାଉ କରିଥିଲେ ବି ତାଙ୍କ ପତ୍ତା ପାଇ ପାରି ନାହାନ୍ତି। ଏପରି ଫିଲ୍ମି ସିନ୍ ଆଜି ସକାଳେ ରାଜଧାନୀ ଭୁବନେଶ୍ୱରର ଜାଗମରାରେ ଦେଖିବାକୁ ମିଳିଛି। ଭିଜିଲାନ୍ସ ପଞ୍ଝାରୁ ଖସି ଯାଇଥିବା କନିଷ୍ଠ ଯନ୍ତ୍ରୀଜଣକ ଭୁବନେଶ୍ୱର ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ ସୁନୀଲ କୁମାର ପାଢ଼ୀ ବୋଲି ଜଣାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ସକାଳୁ ସକାଳୁ ଭିଜିଲାନ୍ସ ଟିମ୍ ସୁନୀଲଙ୍କ ଜାଗମରାସ୍ଥିତ ଘରେ ପହଞ୍ଚିଥିଲା। ମାତ୍ର ଘର ବାହାରେ ଭିଜିଲାନ୍ସ ଟିମ୍‌କୁ ଦେଖି ନିଜ ଛାତ ଉପରକୁ ଚାଲି ଯାଇଥିଲେ ସୁନୀଲ। ଏହାପରେ ପଡ଼ୋଶୀଙ୍କ ଛାତକୁ ଡେଇଁ ଫେରାର ହୋଇ ଯାଇଥିଲେ। ଭିଜିଲାନ୍ସ ଅଧିକାରୀଙ୍କ ଆଖି ସାମନାରେ ସବୁ ଘଟି ଯାଇଥିଲେ ବି ସେମାନେ ଯନ୍ତ୍ରୀଙ୍କୁ କିନ୍ତୁ କାବୁ କରି ପାରି ନାହାନ୍ତି। ଭୁବନେଶ୍ୱରସ୍ଥିତି ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସମନ ଅନୁଯାୟୀ, ଆଜି ସକାଳୁ ସୁନୀଲ କୁମାର ପାଢ଼ୀଙ୍କ ଘର ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୬ ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର, ୭ ଜଣ ଏଏସ୍ଆଇ ପ୍ରମୁଖ ସାମିଲ ହୋଇଛନ୍ତି। ସୁନୀଲଙ୍କର ଜାଗମରାର ପାଢ଼ୀ ଭିଲ୍ଲାରେ ଥିବା ଏକ ୩ ମହଲା କୋଠା, ଗଞ୍ଜାମ ଜିଲ୍ଲା ଆସିକାରେ ଥିବା ମାର୍କେଟ କମ୍ପ୍ଲେକ୍ସ, ଆସିକାର ସୁନାପ୍ଯୋରେ ଥିବା ପୈତୃକ ଘର, ଭଞ୍ଜନଗରରେ ଥିବା ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱରରେ ଥିବା ତାଙ୍କ ଅଫିସ ଚାମ୍ବରରେ ଏକକାଳୀନ ଚଢ଼ାଉ କରାଯାଇଛି। ସୁନୀଲଙ୍କ ଜାଗମରାସ୍ଥିତ ଘରୁ ନଗଦ ୪ ଲକ୍ଷ ଟଙ୍କା ସମେତ ବହୁ ଦସ୍ତାବିଜ ଜବତ ହୋଇଛି। ତେବେ ଏଯାବତ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ହେଲାଣି ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ବେଳେ କେତେ ପରିମାଣର ସମ୍ପତ୍ତି ଜବତ ହେଲାଣି ସେ ନେଇ କୌଣସି ସୂଚନା ମିଳି ପାରିନି। ସୂଚନାଯୋଗ୍ୟ, ସୁନୀଲଙ୍କ ବାପା ରେଞ୍ଜର ଭାବେ କାର୍ଯ୍ୟ କରୁଥିଲେ। ସେ ୮ବର୍ଷ ହେଲା ଚାକିରିରୁ ଅବସର ନେଇ ସୁନାପ୍ଯୋରେ ରହୁଛନ୍ତି। ସେଠାରେ ବି ଆଜି ଭିଜିଲାନ୍ସ ଟିମ୍ ପଶି ଚଢ଼ାଉ କରିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନୀଲଙ୍କ ବାପାଙ୍କ ନାଁରେ ବି ଭିଜିଲାନ୍ସ ମାମଲା ରୁଜୁ କରିଥିଲା।

## ଖାଡ଼ଗେ ହେବେ 'ଇଣ୍ଡିଆ'ର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ !



ନୂଆଦିଲ୍ଲୀ, ୩୦/୧୧ : ଆଜି ୫ ରାଜ୍ୟର ସରୁଛି ବିଧାନସଭା ନିର୍ବାଚନ। ତେଲେଙ୍ଗାନରେ ଚାଲିଛି ବିଧାନସଭା ନିର୍ବାଚନ ପାଇଁ ଭୋଟ। ଆସନ୍ତା ୩ ଡିସେମ୍ବରରେ ଆସିବ ଫଳାଫଳ। ଆଉ ୫ ମାସ ପରେ ହେବ ୨୦୨୪ ସାଧାରଣ ନିର୍ବାଚନ। ତେବେ ଏହା ପୂର୍ବରୁ ଏକ ବଡ଼ ସଙ୍କେତ ଦେଇଛନ୍ତି କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧି। ଆସନ୍ତା ସାଧାରଣ ନିର୍ବାଚନରେ ବିରୋଧୀ ଦଳ ତରଫରୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ମଲ୍ଲିକାର୍ଜୁନ ଖାଡ଼ଗେ। ପୂର୍ବରୁ ରାହୁଲ ଗାନ୍ଧି ଅବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆକଳନ କରାଯାଉଥିଲା। କିନ୍ତୁ ଏସବୁ ଭିତରେ ସୋନିଆ ଗାନ୍ଧି ଖାଡ଼ଗେଙ୍କୁ ନେଇ ଏକ ବଡ଼ ହିଣ୍ଟ ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ମଲ୍ଲିକାର୍ଜୁନ ଖାଡ଼ଗେଙ୍କୁ ଏକ ବଡ଼ ଭୂମିକା ଦେବା ପାଇଁ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ▶▶ପୃଷ୍ଠା ୭

# ରୋଜଗାର ଦେଇପାରୁନି ମନରେଗା: ଗାଁରୁ ମାତ୍ର ୨ ଜଣ ପାଇଛନ୍ତି ଜବ୍‌କାର୍ଡ



ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୩୦/୧୧ (ନି.ପ୍ର): ନିଜ ଗାଁରେ ରୋଜଗାର ଯୋଗାଇ ଦେବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇଥିଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା। କିନ୍ତୁ ଜଳଭଣ୍ଡାର ଯୋଗୁଁ ବିସ୍ଥାପିତ ହୋଇ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି ତେନ୍ତୁଳିଖୁଣ୍ଟି ବ୍ଲକର ତଳଙ୍ଗ ଗ୍ରାମବାସୀ। ପୂରା ଗାଁରୁ ମାତ୍ର ଦୁଇ ଜଣଙ୍କୁ ଜବକାର୍ଡ ମିଳିଛି। ଜଳଭଣ୍ଡାର ଭିଟାମାଟି ଛଡ଼ାଇ ନେବା ପରେ ରୋଜଗାର ହରାଇଥିବା ପରିବାର ଏବେ ମୂଳ ଲାଗୁଛନ୍ତି। ମନରେଗା କାମ କରିବାକୁ ଇଚ୍ଛୁକ ଥିଲେ ବି କାର୍ଡ ନଥିବାରୁ ଗାଁ ଛାଡ଼ିବାକୁ ବାଧ ହୋଇଥିବା ମଧ କହିଛନ୍ତି। ଇନ୍ଦ୍ରାବତୀ ଜଳଭଣ୍ଡାର ନିର୍ମାଣ ହେବା ପୂର୍ବରୁ ମଞ୍ଚାଗାଁ ପଞ୍ଚାୟତର ଉପରୋକ୍ତ ଗାଁକୁ ନିତିଦିନିଆ ରାସ୍ତା ରହିଥିଲା। ଜଳଭଣ୍ଡାରରେ ପାଣି ଭର୍ତ୍ତି ହେବା ପରେ ଗାଁକୁ ସଂଯୋଗ କରୁଥିବା ରାସ୍ତା ନିଶ୍ଚିହ୍ନ ହୋଇଗଲା। ଏହାପରେ ଗ୍ରାମବାସୀ ଜଳଭଣ୍ଡାରର ବାରିହା ଡଙ୍ଗାଘାଟରୁ ପ୍ରାୟ ୧୦କିମି ଡଙ୍ଗାରେ ଅତିକ୍ରମ କରି ଜୀବିକା ପାଇଁ ଇନ୍ଦ୍ରାବତୀ ଆସୁଛନ୍ତି। ଗାଁରେ ପ୍ରାୟ ୩୫ଟି ପରିବାର ଏବଂ ୧୫୦ଜଣ ବସବାସ କରୁଛନ୍ତି। କିନ୍ତୁ ଶଶି କମାର ଓ ସନାଇ କମାରଙ୍କୁ ବାଦ୍ ଦେଲେ ଅନ୍ୟ କେହି ମନରେଗା ଜବକାର୍ଡ ପାଇନାହାନ୍ତି। ଜବକାର୍ଡର ଗୁରୁତ୍ୱ କଣ ଗ୍ରାମବାସୀ ଭଲ ରୂପେ ଅବଗତ। ତେଣୁ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଆବେଦନ କରିଛନ୍ତି। ଜବକାର୍ଡ ଯୋଗାଇ ଦେବାକୁ ଗୁହାରି ମଧ କରିଛନ୍ତି। ପ୍ରତ୍ୟେକ ଥର ପ୍ରତିଶ୍ରୁତି ମିଳିଛି, ଅଥଚ ଜବକାର୍ଡ ମିଳୁନାହିଁ। ଜଳଭଣ୍ଡାର ଜୀବିକା ସହ ଆଶ୍ରୟ ଛଡ଼ାଇ ନେଲା। ଏହା ଯେତିକି ପୀଡ଼ା ଦେଇନଥିଲା ବର୍ତ୍ତମାନ ରୋଜଗାର ନଥାଇ ବଞ୍ଚିବା ପାଇଁ ସଂଘର୍ଷ କରିବା ଅଧିକ ଯନ୍ତ୍ରଣା ଦେଉଛନ୍ତି। ତଥାପି ଗ୍ରାମବାସୀ ବଞ୍ଚିବା ନିମନ୍ତେ ପାହାଡ଼ରୁ ଜାଳେଣି କାଠ ଓ କୋଇଲା ସଂଗ୍ରହ କରୁଛନ୍ତି। ଜଳଭଣ୍ଡାରରୁ ମାଛ ଧରି ବିପଦପୂର୍ଣ୍ଣ ଭାବେ ଦେଶୀ ଡଙ୍ଗାରେ ଇନ୍ଦ୍ରାବତୀ ଆସି ବିକ୍ରି କରୁଛନ୍ତି। ଯାହା ମିଳୁଛି ସେଥିରେ ବହୁ କଷ୍ଟରେ ଚଳୁଛନ୍ତି। ଅପରପକ୍ଷରେ ଗାଁରେ ରୋଜଗାର ପାଇଁ କୌଣସି ସାଧନ ନଥିବାରୁ ଅଧିକାଂଶ ଯୁବକ ଗାଁ ବାହାରେ ରହୁଛନ୍ତି। ରାଜ୍ୟ ବାହାରେ କଠିନ ପରିଶ୍ରମ କରୁଛନ୍ତି। ବିଡ଼ମ୍ବନା ହେଲା ରୋଜଗାର ପାଇଁ ଗତ ମେ ମାସରେ ଏହି ଗାଁର ପ୍ରାୟ ୪୦ଜଣ ଗୁରୁମାଇଗୁଡ଼ାରୁ ତଳଙ୍ଗ ପର୍ଯ୍ୟନ୍ତ ରାସ୍ତା କାମ ୨୦ଦିନ ଧରି କରିଥିଲେ। ଯାହାକୁ ଅନ୍ୟ ଗ୍ରାମର ଲୋକ ବିରୋଧ କରିବା ସହ ସେମାନଙ୍କୁ ମାଡ଼ ମାରିଲେ। ତେଣୁ କାମ ଛାଡ଼ିବାକୁ ବାଧ ହୋଇଥିଲେ। ପରବର୍ତ୍ତୀ ସମୟରେ ସେହି ୨୦ଦିନର ମଜୁରି ମିଳିବାରେ ସମସ୍ୟା ହେଉଛି। କାରଣ ଜବକାର୍ଡ ନଥିବାରୁ ମଜୁରି ଦେବା ସମ୍ଭବ ହେଉନି। ରୋଜଗାରରୁ ବଞ୍ଚିତ କରି ଆମକୁ ଅବହେଳିତ ଅବସ୍ଥାରେ ଛାଡ଼ି ଦିଆଯାଇଛି ବୋଲି ଗାଁର ଯୁଧିଷ୍ଠିର କମାର, ତାମେଶ୍ୱର କମାର, ମାତିଲି କମାର, ଜଗନ୍ନାଥ କମାର, ରମେଶ ମୁଦୁଲି, ସନମନ ମୁଦୁଲି, ମନ ନାୟକ, ବାରୁ ମୁଦୁଲି, ବୁଡୁ ମୁଦୁଲି, ବୈଦ୍ୟ କମାର ପ୍ରମୁଖ କ୍ଷୋଭର ସହ କହିଛନ୍ତି। ଏନେଇ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ପୂର୍ବରୁ ଗ୍ରାମବାସୀ ଜବକାର୍ଡ ପାଇଥିଲେ। ବହୁ ଦିନ ଧରି ମନରେଗା କାମ କରିନଥିବାରୁ କାର୍ଡ ରଦ୍ଦ ହୋଇଯାଇଛି। ବର୍ତ୍ତମାନ ୧୮ଜଣ ଜବକାର୍ଡ ପାଇଁ ଆବେଦନ କରିଥିବା ବେଳେ ସେଥିରୁ ୧୪ଜଣଙ୍କ ଜବକାର୍ଡ ଅନୁମୋଦନ ହୋଇଛି। ଅନ୍ୟମାନେ ବି ଆଗକୁ ପାଇବେ। ଜବକାର୍ଡ ପାଇଁ ଆବେଦନ କଲେ ଅବଶିଷ୍ଟ ଶ୍ରମିକଙ୍କୁ ମଧ କାର୍ଡ ଦିଆଯିବ ବୋଲି କହିଛନ୍ତି।

## କୋଟପାଡରେ ଆଇନ ସଚେତନତା ଶିବିର

ଜୟପୁର, ୩୦/୧୧ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ବୁଧବାର ସରକାରୀ (ବାଳିକା ଅନୁସୂଚିତ ଜନଜାତୀ) ଉଚ୍ଚ ବିଦ୍ୟାଳୟ କୋଟପାଡ଼ ଠାରେ ଶିଶୁ ମାନଙ୍କର ଯତ୍ନ ଓ ସୁରକ୍ଷା ଏବଂ ପୋକ୍ସୋ ଅଧିନିୟମ ଅନୁଯାୟୀ ମହିଳା ପୀଡ଼ିତାଙ୍କ କ୍ଷତିପୂରଣ ଏବଂ ମୌଳିକ କର୍ତ୍ତବ୍ୟ ଉପରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସତ୍ୟ ନାରାୟଣ ମିଶ୍ର, ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁରଙ୍କ ନିର୍ଦ୍ଦେଶ ଅନୁସାରେ ସଚେତନତା ଶିବିର ଆୟୋଜିତ ହୋଇଥିଲା । ଏଥିରେ ସଚିବ ଶ୍ରୀ ସୁମନ ଜେନା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏଠାରେ ଉପସ୍ଥିତ ଥିବା ଛାତ୍ରୀ ମାନଙ୍କୁ କହିଥିଲେ ଯେ ଯାହାର ୧୮ ବର୍ଷରୁ କମ୍ ହୋଇଥିବ ସେମାନଙ୍କୁ ନାବାଳିକା ରୂପେ ଗଣନା କରାଯିବ । ଯେଉଁ ଛାତ୍ରଛାତ୍ରୀମାନେ ୧୮ ବର୍ଷରୁ କମ ହୋଇ କୌଣସି କ୍ରାଇମ୍ କରନ୍ତି ତାହା ହେଲେ ତାଙ୍କୁ ବାଳ ଅପରାଧି ରୂପେ ଦୋଷୀ ସାବ୍ୟସ୍ତ କରାଯାଇଥାଏ । ଏବଂ ତାଙ୍କୁ ଦଣ୍ଡ ସ୍ୱରୂପ ସୁଧାର ଗୃହରେ ରଖାଯାଏ । ଆହୁରି ମଧ କହିଥିଲେ ଯେତେବେଳେ ଜଣେ ପୁରୁଷ ଜଣେ ମହିଳାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରନ୍ତି, ଏହାକୁ ବଳତ୍କାର ବୋଲି କୁହାଯାଏ । ବଳତ୍କାର ଏକ ଜଘନ୍ୟ ଅପରାଧ କିନ୍ତୁ ଜଣେ ମହିଳା କିମ୍ବା ପୀଡ଼ିତା ଏହାକୁ ପୋଲିସକୁ ବା ନିଜ ଘର ଲୋକଙ୍କୁ ଜଣାବାକୁ ଚାହାଁନ୍ତି ନାହିଁ । କାରଣ ସେମାନେ ଅନୁଭବ କରିଥାନ୍ତି ଯେ ଲୋକମାନେ ଭାବି ସେ ଖରାପ ଏବଂ ଯାହା ଘଟିଛି ସେଥିପାଇଁ ସେ ଦାୟୀ ରହିବେ । ପୀଡ଼ିତା ଅନୁଭବ କରୁଛନ୍ତି ଯେ ତାଙ୍କ ପରିବାର ଏକ ଖରାପ ନାମ ପାଇବେ ଏଥିପାଇଁ ଏହା ପ୍ରକାଶ କରିବାକୁ ସଂକୁଚିତ କରନ୍ତି ।

## କଳାହାଣ୍ଡିରେ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳିତ

ଭବାନୀପାଟଣା, ୩୦/୧୧ (ନି.ପ୍ର): ସମଗ୍ର ରାଜ୍ୟ ତଥା କଳାହାଣ୍ଡି ଜିଲ୍ଲାରେ ଆସନ୍ତା ଡ଼ିସେମ୍ବର ମାସ ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ ଜିଲ୍ଲାରେ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯିବ । ଏହି ଅବସରରେ ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ଜିଲ୍ଲା ପ୍ରଶାସନ ତଥା ପରିବହନ ବିଭାଗ ତରଫରୁ ନିବେଦନ କରାଯାଇଥିଲା ଯେ, ସମଗ୍ର ଦେଶରେ ବାର୍ଷିକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୧.୫୦ ଲକ୍ଷ ଥିବା ବେଳେ ଓଡିଶାରେ ବର୍ଷକୁ ୫୦୦୦ ଲୋକଙ୍କ ପ୍ରାଣହାନୀ ଘଟୁଛି। ଏହି ମୃତ୍ୟୁହାର କିପରି ହ୍ରାସ ପାଇବ ତାହା ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦବେଗର କାରଣ ହୋଇଛି । ଗତ ଏପ୍ରିଲ ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ସରକାର ବିଭିନ୍ନ ବିଭାଗ ମାଧମରେ କାର୍ଯ୍ୟକାରୀ କରି ମୃତ୍ୟୁହାର ୪୦% ରୁ ୨୮.୬% କୁ ହ୍ରାସ କରିଛନ୍ତି ।

## ଜିଲ୍ଲା ବ୍ରାହ୍ମଣ ମହାସଭାର ମାସିକ ବୈଠକ

ବଲାଙ୍ଗିର, ୩୦/୧୧ (ନି.ପ୍ର): ସ୍ଥାନୀୟ ନୃସିଂହ ମନ୍ଦିରଠାରେ ମଙ୍ଗଳବାର ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭାର ମାସିକ ବୈଠକ ସଭାପତି ଶ୍ରୀ ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସମ୍ପାଦକ ଶ୍ରୀ ଜୟରାମ ମିଶ୍ର ବିବରଣୀ ପଠନ କରିବା ପରେ ବ୍ରାହ୍ମଣ ସମାଜର ସଭ୍ୟସଂଖ୍ୟା ବୃଦ୍ଧି ଓ ବିଭିନ୍ନ କାର୍ଯ୍ୟକଳାପର ଅଗ୍ରଗତିରେ ଉପରେ ସନ୍ତୁଷ୍ଟି ବ୍ୟକ୍ତ କରିଥିଲେ । ସଂଗଠନ ସମ୍ପାଦକ ଶ୍ରୀ କିଶୋର ପୁରୋହିତ ଗତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମର ଆୟବ୍ୟୟ ତାଲିକା ପ୍ରଦାନ ସହିତ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ । ବଲାଙ୍ଗୀର ସହରର ପ୍ରତ୍ୟେକ ୱାର୍ଡକୁ ଯାଇ ବ୍ରାହ୍ମଣ ବ୍ୟକ୍ତିବିଶେଷଙ୍କୁ ସାକ୍ଷାତ କରି ସଂଗଠନକୁ ମଜଭୁତ କରିବା ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା । ଏହାର ସୁପରିଚାଳନା କରିବା ପାଇଁ ସମ୍ପ୍ରସାରିତ କାର୍ଯ୍ୟକାରୀ ମଣ୍ଡଳୀ ନଗର କମିଟିର ସଭାପତି ଶ୍ରୀ ନରେନ୍ଦ୍ର କୁମାର ଆଚାର୍ଯ୍ୟ ଓ ସମ୍ପାଦକ ଶ୍ରୀ ସଂକୀର୍ତନ ତ୍ରିପାଠୀଙ୍କୁ ସର୍ବସମ୍ମତି କ୍ରମେ ମନୋନୟନ କରାଯାଇଥିଲା । ଆସନ୍ତା ଡିସେମ୍ବର ୨୪ ତାରିଖ ଦିନ ଗୀତା ଜୟନ୍ତୀ ପାଳନ କରିବା ପାଇଁ ମଧ ସ୍ଥିର କରାଯାଇଛି । ଏହି ଦିନ ସମସ୍ତେ ଯୋଗଦାନ କରିବାପାଇଁ ଅନୁରୋଧ କରାଯାଇଅଛି । ଏହି ମାସିକ ବୈଠକରେ ଲୋଇସିଂହା ବ୍ରାହ୍ମଣ ସଭାର ମୁଖ୍ୟ ଶ୍ରୀ ଧରମ ସିଂ ମିଶ୍ର ତାଙ୍କର ବକ୍ତବ୍ୟରେ ବ୍ରାହ୍ମଣର ବର୍ତମାନ ସ୍ଥିତି ଓ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ । ଏହି ଆଲୋଚନାରେ ବ୍ରାହ୍ମଣ ମହାସଭାର ଉପଦେଷ୍ଟା କମିଟିର ସଦସ୍ୟ ଶ୍ରୀ ନୀଳମଣି ମିଶ୍ର, ବଲାଙ୍ଗୀର ପ୍ରବକ୍ତା ପରିଷଦର ମୁଖ୍ୟ ଶ୍ରୀ ଶ୍ୟାମ ସୁନ୍ଦର ଦାଶ, ବରିଷ୍ଠ ସଦସ୍ୟ ଶ୍ରୀ ପ୍ରଭାକର ମିଶ୍ର, ଗୌର ପୁରୋହିତ, ଦାମୋଦର ଓତା, ଇଂ କିଶୋର ମୋହନ ମିଶ୍ର, ପର୍ଶୁରାମ ନାୟକ (କୋଷାଧକ୍ଷ) ପଣ୍ଡିତ କିଶୋର ମିଶ୍ର, ପଣ୍ଡିତ ସନ୍ତୋଷ ଶତପଥୀ, ଶ୍ରୀ ଜଗନ୍ନାଥ ଷଡଙ୍ଗୀ, ଇତ୍ୟାଦି ଅନେକ ସଦସ୍ୟ ନିଜ ନିଜର ମତବ୍ୟକ୍ତ କରିଥିଲେ । ମାତୃଶକ୍ତି ଶାଖାରୁ ରଂଜିତା ମିଶ୍ର, ପ୍ରଭାସିନୀ ପଣ୍ଡା, ଓ ଅନ୍ୟ ମହିଳା ସଦସ୍ୟାଗଣ ମଧ୍ୟ ମହିଳା ସଂଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ପରିଶେଷରେ ସଭାପତି ଶ୍ରୀ ଧନଞ୍ଜୟ ମିଶ୍ର ନିଜର ଅଭିଭାଷଣ ରଖି ବହୁ ସଂଖ୍ୟାରେ ଉପସ୍ଥିତି ଓ ମତବିନିମୟତା ଉପରେ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଉପସଭାପତି ଶ୍ରୀ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜବରଦଖଲରେ ନୂଆ ନଈପଠା: ନିର୍ମାଣ କରୁଛନ୍ତି ଘରୋଇ ପର୍ଯ୍ୟଟନ ପ୍ରକଳ୍ପ



ପୁରୀ, ୩୦/୧୧ (ନି.ପ୍ର): ଜବରଦଖଲକାରୀଙ୍କ ନଜରରେ ନୂଆନଈ ପଠା। ଜବରଦଖଲକାରୀ ନଈ ପଠା ମାଡ଼ି ବସିବାରେ ଲାଗିଛନ୍ତି। ଏହା ଉପରେ ବିଳାସପୂର୍ଣ୍ଣ ଘର ଓ କୃତ୍ରିମ ପୋଖରୀ ବି ତିଆରି କରି ପାର୍କ ଭଳି ରୂପ ଦିଆଗଲାଣି। ପୁରୀ ସଦର ବ୍ଲକ୍ ବେଲଦଳ ପଞ୍ଚାୟତ ମୋହିନିପୁର ନିକଟରେ ଏଭଳି ନିର୍ମାଣ ଚାଲିଛି। ଜିଲ୍ଲା ପ୍ରଶାସନ କିମ୍ବା ରାଜସ୍ୱ ବିଭାଗର ଏଥିପ୍ରତି ଦୃଷ୍ଟି ନ ପଡ଼ିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ନୂଆନଈ ବ୍ରିଜ୍ ପୂର୍ବରୁ ପୁରୀ-କୋଣାର୍କ ଜାତୀୟ ରାଜପଥଠାରୁ ମୋହିନିପୁର ଯିବା ରାସ୍ତାରେ ରହିଛି ବିସ୍ତୃତ ନଦୀପଠା। ଏହା ବନ୍ୟାପାଣିକୁ ଅଟକାଇ ଚାଷବାସ ସହ ଆଖପାଖ ଅଞ୍ଚଳକୁ ବନ୍ୟା ଦାଉରୁ ସୁରକ୍ଷା ଦେଇଥାଏ। କିନ୍ତୁ ମୋହିନିପୁର ବିଦ୍ୟାଳୟ ପାଖକୁ ଲାଗି ନଦୀ ପଠାକୁ ଘେରାଇ ଏଥିରେ ବ୍ୟାପକ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ପୋଖରୀ ଖୋଳା ସହ କୋଠା ଓ ଲୁହାର ଟାୱାର ନିର୍ମାଣ କରାଯାଉଛି। ଏହି ଜାଗାକୁ ଚଉଡ଼ା ମୋରମ ରାସ୍ତା ବି ବାହାର କରାଯାଇଛି। ଯେତିକି ଜାଗା ଘେରାଯାଇଛି, ପାଖାପାଖି ୫ ଏକର ଜାଗା ହେବ। ଏହି ଜବରଦଖଲକୁ ଦେଖି ଆଖପାଖ ଲୋକେ ବି ନୂଆନଈ ପଠାକୁ ଜବରଦଖଲ କରିବା ଆରମ୍ଭ କରି ଦେଲେଣି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଆରମ୍ଭରୁ ଏଠାରେ ବାଲିବନ୍ତ ଥିଲା। କିନ୍ତୁ ଏହି ବାଲିବନ୍ତ ସବୁ ତାଡ଼ି ପ୍ରବଳ ମାତ୍ରାରେ ବାଲି ଚୋରି ହେଲା। ଏ ନେଇ ଜିଲ୍ଲା ପ୍ରଶାସନ ନିକଟରେ ବି ଅନେକ ଅଭିଯୋଗ ସତ୍ତ୍ୱେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଲାନି। କାଳକ୍ରମେ ବାଲିବନ୍ତ ବିଲୋପ ହୋଇ ସେହି ଜାଗା ଜବରଦଖଲକୁ ଚାଲିଗଲାଣି। ମୋହିନିପୁରର ନଦୀ ପଠାରେ ଯେଉଁ ଜାଗାରେ ଏତେ ବଡ଼ ବଡ଼ ନିର୍ମାଣ ଚାଲିଛି, ତାହା ପୁରୀର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କର ବୋଲି କୁହାଯାଉଛି। ସଂପୃକ୍ତ ବ୍ୟକ୍ତି ଏହା ତାଙ୍କର ଜାଗା ବୋଲି ଦାବି କରି ଏଭଳି ନିର୍ମାଣ ଜାରି ରଖିଛନ୍ତି। ତେବେ ରାଜସ୍ୱ ବିଭାଗ ସଂପୂର୍ଣ୍ଣ ଖୋଳତାଡ଼ କଲେ, ସତ ଜଣାପଡ଼ିଯିବ ବୋଲି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏତେ ବଡ଼ ଜାଗାରେ ନିର୍ମାଣ ଚାଲିଥିଲେ ବି ରାଜସ୍ୱ ବିଭାଗ ନିରବଦ୍ରଷ୍ଟା ସାଜିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୁରୀ ତହସିଲଦାର ଅଭିଷେକ ଦାଶ କହିଛନ୍ତି, ନଈ ପଠାରେ ପତିତ ଭଳି ଅନେକ କିସମର ଜାଗା ରହୁଛି। ତଥାପି ଯେଉଁ ଜାଗାରେ ଏତେ ବଡ଼ ନିର୍ମାଣ କରାଯାଉଛି, ତାର ସ୍ଥିତି ଅନୁଧାନ କରିବି। ସଂପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା ପରେ ଏ ସଂପର୍କରେ ଅଧିକ କିଛି କହିପାରିବି ବୋଲି ଶ୍ରୀ ଦାଶ କହିଛନ୍ତି।

## ୯ହଜାର ଟଙ୍କାର ଜାଲନୋଟ ଦେଇ ବୃଦ୍ଧାଙ୍କ ଠାରୁ ଛେଳି ନେଇ ଛୁ

ଖୋର୍ଦ୍ଧା, ୩୦/୧୧ (ନି.ପ୍ର): ୯ହଜାର ଟଙ୍କାର ୫୦୦ଟଙ୍କିଆ ଜାଲନୋଟ ହାତରେ ଧରାଇ ଏକ ଛେଳି ନେଇ ଛୁ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ହଜ ଗ୍ରାମରେ। ସୂଚନା ମୁତାବକ ହଜ ଆଦିବାସୀ ସାହିର ପାଣ୍ଡବ ନାୟକ ନାମକ ଜଣେ ୭୦ବର୍ଷ ଗରିବ ବୃଦ୍ଧ ନିଜେ ପାଳିଥିବା କେତେକ ଛେଳିକୁ ନେଇ ହଜ-ସିକୋ ରାସ୍ତାର ଟାଂକୋଳ ଛକ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଜଂଗଲରେ ଛେଳି ଚରାଉଥିଲେ। ଏତିକି ବେଳେ ହଜରୁ ସିକୋ ଅଭିମୂଖେ ଏକ ନୀଳ ରଙ୍ଗର ବାଇକରେ ଯାଉଥିବା ଜଣେ ଅଚିହ୍ନା ଯୁବକ ଗୋଠରେ ଥିବା ବଡ଼ ଛେଳି (ବୋଦା)କୁ ନେବା ପାଇଁ ବୃଦ୍ଧଙ୍କ ସହ ମୂଲଚାଲ କରିଥିଲା। ଶେଷରେ ଏହା ୯ ହଜାର ଟଙ୍କାରେ ବିକ୍ରି କରାଯିବ ବୋଲି ସ୍ଥିର କରାଯାଇଥିଲା। ଏହି ଅଚିହ୍ନା ଯୁବକ ଜଣକ ପାଖରେ ରଖିଥିବା ଏକ ବଡ ବ୍ୟାଗରେ ଛେଳିଟିକୁ ଭର୍ତି କରିଥିଲା । ଏଥିସହ ତୁରନ୍ତ ଜାଲ ୯ହଜାର ଟଙ୍କା ବୃଦ୍ଧଙ୍କ ହାତରେ ଧରାଇ ସେଠାରୁ ଆଖି ପିଛୁଳାକେ ଫେରାର ହୋଇ ଯାଇଥିଲା।ବୃଦ୍ଧ ଲୋକ ଜଣକ ଏହା ଅସଲି କି ନକଲି ପ୍ରଥମେ ଜାଣି ପାରିନଥିଲେ। ପରେ ଘରକୁ ଅନ୍ୟ ଛେଳିମାନଙ୍କୁ ଧରି ଫେରିଥିଲେ। ପରେ ଘରଲୋକଙ୍କୁ ଏହି ଟଙ୍କା ଦେବା ପରେ ଏହା ଜାଲ୍ ବା ନକଲି ନୋଟ ବୋଲି ଜଣାପଡିଥିଲା। ଏଭଳି ଘଟଣା ଏବେ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି। ଏହି ଅଂଚଳରେ ଏହିଭଳି ଅନେକ ଦୃର୍ବୃତ୍ତ ବୁଲୁଛନ୍ତି। ଯାହାକୁ ନେଇ ଚିନ୍ତାରେ ଗ୍ରାମବାସୀ । ସେହିପରି ସ୍ଥାନୀୟ ଅଂଚଳରେ ବ୍ରାଉନ ସୁଗାରର ଅବାଧ ବିକ୍ରି ଓ ସେବନକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଥିପ୍ରତି ଜଙ୍କିଆ ପୋଲିସ ଓ ସିକୋ ଫାଣ୍ଡି ପୋଲିସ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୧୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ଜଣେ ଗିରଫ

ଜୟପୁର, ୩୦/୧୧ (ନି.ପ୍ର): ଅଭିନବ ଉପାୟରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଚଢ଼ାଉ କଲା ନନ୍ଦପୁର ପୋଲିସ । ଟ୍ରାକ୍ଟରରେ ସ୍ୱତନ୍ତ୍ର ଚାମ୍ବର ତିଆରି କରି ଅଭିନବ ଢଙ୍ଗରେ ଚାଲିଥିଲା ଗଞ୍ଜେଇ ଚୋରା ଚାଲାଣ । ତେବେ ନନ୍ଦପୁର ପୋଲିସ ଖବର ପାଇ ଗଞ୍ଜେଇ ବୋଝେଇ ଟ୍ରାକ୍ଟର ସହ ଜଣକୁ ଗିରଫ କରିଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନନ୍ଦପୁର ଏସ୍.ଡି.ପି.ଓଙ୍କ ନେତୃତ୍ୱରେ ଡାକବଙ୍ଗଳା ଛକ ନିକଟରେ ପୋଲିସ ଚଢ଼ାଉ କରିଥିଲା । ନମ୍ବର ବିହୀନ ଟ୍ରାକ୍ଟରକୁ ଅଟକାଇ ଯାଂଚ କରିବା ସମୟରେ ଟ୍ରାକ୍ଟର ଡାଲାରେ ସ୍ୱତନ୍ତ୍ର ଚାମ୍ବରରୁ ପ୍ରାୟ ୧ କୁଇଣ୍ଟାଲ ୨୮ କେଜି ଗଞ୍ଜେଇ ବାହାରିଥିଲା । ଏହାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି । ଏହି ଗଞ୍ଜେଇ ଆନ୍ଧ୍ରପ୍ରଦେଶ ମୁଚିମପୁଟରୁ ଆଣି ସେମିଳିଗୁଡା ଦେଇ ସେଠାରୁ ଛତିଶଗଡ଼ ଚାଲାଣ ପାଇଁ ପ୍ରସ୍ତୁତ ହୋଇଥିଲା । ଗିରଫ ଟ୍ରାକ୍ଟର ଡ୍ରାଇଭର ଜଣକ ରାୟଗଡା ଜିଲ୍ଲା କେ. ସିଂପୁର ଅଂଚଳର ଧର୍ମେନ୍ଦ୍ର ଖଦରା । ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବେଆଇନ ମୋରମ ଚାଲାଣ

ଧର୍ମଶାଳା, ୩୦/୧୧ (ନି.ପ୍ର): ଯାଜପୁର ଜିଲାରେ ଦିନକୁ ଦିନ ବେଆଇନ ମୋରମ ଚୋରା ଚାଲାଣ ବୃଦ୍ଧି ପାଉଛି । ଜିଲାର ଧର୍ମଶାଳା ବ୍ଲକ ଓ କଟକ ବନଖଣ୍ଡ ଅଧିନ ବୈରୀ ରେଞ୍ଜ ଚଣ୍ଡିଖୋଲ ଫରେଷ୍ଟ ଅଧିନରେ ଥବବା ଆରୁହା ପଂଚାୟତ ଭୁଣ୍ଡୁଗୁରିଆଠାରେ ଡୁବୁରୀ ପାହାଡ ଜଙ୍ଗଲରୁ ମାଫିଆମାନେ ଦିନ ରାତି ଏକ କରି ମେସିନ ଲଗାଇ ମୋରମ ଗୁଡିକୁ ଖୋଲି ଗାଡି ଦ୍ୱାରା ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି । ଫଳରେ ସରକାରୀ ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି ।

## କୃଷକ ଓ କୃଷି ସମସ୍ୟାର ସମାଧାନକୁ ନେଇ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ

ସମ୍ବଲପୁର , ୩୦/୧୧ (ନି.ପ୍ର): କୃଷି ସର୍ବସ୍ୱ ଓଡ଼ିଶା ରେ କୃଷି, କୃଷକ ଓ ଉତ୍ପାଦିତ ଶସ୍ୟ ବିକ୍ରି କୁ ନେଇ ଲଗି ରହିଥିବା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କେଉଁଠି ଜଳସେଚନର ଅଭାବ ତ କେତେବେଳେ ବିହନ ଓ ସାରର ସମସ୍ୟା । କେତେବେଳେ ମରୁଡି ତ ଆଉ କେତେବେଳେ ପୁଣି ଉତ୍ପାଦିତ ଶସ୍ୟ ବିକ୍ରି କୁ ନେଇ ସମସ୍ୟା । ବର୍ତ୍ତମାନ୍ ରାଜ୍ୟରେ ଧାନ ଅମଳ ପରେ ଟୋକନ୍, କଟନି ଛଟନି ଓ ଅଭାବୀ ବିକ୍ରିକୁ ନେଇ ଚାଷୀମାନେ ଅଭିଯୋଗ କରୁଛନ୍ତି । ଏଭଳି ଅନେକଗୁଡ଼ିଏ ସମସ୍ୟାର ର ଶିଘ୍ର ଓ ସ୍ଥାୟୀ ସମାଧାନ ପାଇଁ ଆଜି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ବିଭିନ୍ନ ଜିଲ୍ଲା ରେ ଆନ୍ଦୋଳନ ହୋଇଛି । ଏହି ମର୍ମ ରେ ଆଜି ସମ୍ବଲପୁର ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ହୋଇଯାଇଛି । ରାଜ୍ୟ ରେ ସମସ୍ତ ମଣ୍ଡି ରେ ପଡ଼ି ରହିଥିବା ସମସ୍ତ ଧାନ କୁ ସରକାର୍ କିଣନ୍ତୁ, ଧନ ବିକ୍ରି ପାଇଁ ବର୍ଷ ସାରା ମଣ୍ଡି କୁ ଖୋଲା ରଖାଯାଉ , ଟୋକନ ବ୍ୟବସ୍ଥାକୁ ବନ୍ଦ କରାଯାଉ, କଟଣି ଛଟନିକୁ ବନ୍ଦ କରାଯାଉ, ମଣ୍ଡି ମାନଙ୍କୁ ସୁବ୍ୟବସ୍ଥିତ କରାଯାଉ, ମଣ୍ଡି ମାନଙ୍କରେ ମିଲର୍ସ ମାନଙ୍କ ଦାଦାଗିରି ବନ୍ଦ କରାଯାଉ ଭଳି ଅନେକ ଦାବୀ ର ଶିଘ୍ର ଓ ସ୍ଥାୟି ସମାଧାନ ପାଇଁ ଦାବୀ ପତ୍ର ରେ ଉଲ୍ଲେଖ ରହିଛି । ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସମୀର ରଞ୍ଜନ ବାବୁ ଙ୍କ ନେତୃତ୍ୱରେ ବିଜେପି କର୍ମୀ ଓ ପଦାଧିକାରୀ ମାନେ ଶାନ୍ତି ପୂର୍ଣ୍ଣ ଭାବେ ଜିଲ୍ଲାପାଳ କାର୍ଯ୍ୟଳୟ କୁ ଯାଇଥିଲେ । ଆନ୍ଦୋଳନକାରୀ ମାନେ କାର୍ଯ୍ୟଳୟ କୁ ପ୍ରବେଶ କରିବା ସମୟରେ ପୋଲିସ ପକ୍ଷରୁ ମୁଖ୍ୟ ଫାଟକ କୁ ବନ୍ଦ କରି ଦିଆ ଯାଇଥିଲା । ବିଜେପି ପକ୍ଷରୁ ଭିତରକୁ ଯାଇ ସମସ୍ତ ବିଷୟ ଆଲୋଚନା କରି ଦାବୀ ପତ୍ର ପ୍ରଦାନ କରିବେ ବୋଲି ବାର ବାର ଅନୁରୋଧ କଲା ପରେ ମଧ ପୋଲିସ ଅନୁମତି ଦେଇ ନଥିଲା । କେବଳ ଚାରି ପାଂଚ ଜଣ ଭିତରକୁ ଯାଇ ଦାବିପତ୍ର ଦେଇ ଆସିବାକୁ ପୋଲିସ୍ ଅନୁମତି ଦେଇଥିଲା । କିନ୍ତୁ, ସମସ୍ତେ ଭିତରକୁ ଯାଇ ଶାନ୍ତି ପୂର୍ଣ୍ଣ ଭାବେ କାର୍ଯ୍ୟକ୍ରମ ସମ୍ପନ୍ନ କରି ଫେରିବେ ବୋଲି ବିଜେପି ପକ୍ଷରୁ ଦାବୀ କରାଯାଇଥିଲେ । ଶେଷରେ ପୋଲିସ୍ ରାଜି ନ ହେବାରୁ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟ ରେ ଲେଖା ହୋଇଥିବା ଓ ବିଜେପି କର୍ମୀ ଓ ପଦାଧିକାରୀ ଙ୍କ ସ୍ୱାକ୍ଷରିତ ଦାବୀ ପତ୍ର କୁ ମୁଖ୍ୟ ଫାଟକ ରେ ଝୁଲେଇ ଫେରି ଆସିଥିଲେ । ଆଜିର ଏହି ଦାବୀ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଗିରିଶ ପଟେଲ, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ବରିଷ୍ଠ ନେତା ଦାମୋଦର କର, କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି ଙ୍କ ସମେତ ପ୍ରକାଶ ପ୍ରଧାନ, ସୁଧୀର କୁମାର ବୋହିଦାର, ମହେନ୍ଦ୍ର ଭୋଇ, ଅଶୋକ ନାଏକ, ଗୋପାଳ ଅଗ୍ରୱାଲ, ନନ୍ଦ କିଶୋର ମିଶ୍ର, ରତ୍ନ ସୁନା, ପ୍ରଭାସିନୀ ଦାଶ, ରିଙ୍କି ସାହୁ, ମେଜ ସାହୁ, ମୁନ୍'ମୂନ୍ ସୌଦାଗର ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରାମ ପଂଚାୟତର ବିକାଶ ଯୋଜନା ଉପରେ କର୍ମଶାଳା

ଜୟପୁର, ୩୦/୧୧ (ନି.ପ୍ର): ଜୟପୁର ବ୍ଲକ ସଭାଗୃହରେ ଗ୍ରାମ ପଂଚାୟତର ବିକାଶ ଯୋଜନା ଉପରେ ଦିନିକିଆ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ , ସହକାରି ନିବାର୍ହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର ,ଜିପିଓ ପ୍ରଶାନ୍ତ ମିଶ୍ର, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା ସହ ସରପଂଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟା ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଆସନ୍ତା ୨୦୨୪-୨୫ ଆର୍ଥିକ ବର୍ଷରେ ପଂଚାୟତ ବିକାଶ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଛି ।

## ଧାନ ମଣ୍ଡି ଖୋଲିବାରେ ବିଳମ୍ବ ଓ ଅବ୍ୟବସ୍ଥା ନେଇ ବିଜେପିର ଦାବିପତ୍ର ପ୍ରଦାନ

ଜୟପୁର, ୩୦/୧୧ (ନି.ପ୍ର): ଧାନ ମଣ୍ଡି ଖୋଲିବା ଓ ଅବ୍ୟବସ୍ଥା ନେଇ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚା କୋରାପୁଟ ଜିଲା ଶାଖା ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି । ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ସରକାର ଚାଷୀ ମାନଙ୍କ ସମସ୍ୟା ସମାଧାନ କରିବାରେ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଛି । ରାଜ୍ୟ ସରକାର ସେପଟ୍ବେମ୍ବର ୧ ତାରିଖରେ ଧାନ ମଣ୍ଡି ଖୋଲିବା ପାଇ ଘୋଷଣା କରିଥିଲେ । କିନ୍ତୁ ଦୁଃଖ ପରିତାପର ବିଷୟ ମାସ ଶେଷ ହେବାକୁ ବସିଲାଣି ଆଜି ଯାଏ ଧାନ ମଣ୍ଡି ଖୋଲା ଗଲା ନାହିଁ । ଯଦ୍ୱାରା ଚାଷି ମାନେ ବାଧ ହୋଇ ଧାନକୁ କ୍ୱିଇଣ୍ଟାଲ ପିଛା ୧୩ ଶହରୁ ୧୪ ଶହ ଟଙ୍କା ଦରରେ ଦଲାଲ ମାନଙ୍କୁ ବିକ୍ରି କରୁଛନ୍ତି । ତେଣୁ ରାଜ୍ୟ ସରକାର ଚାଷି ର ସମସ୍ୟାର ସମାଧାନ କରିବାକୁ କୃଷକ ମୋଚା ଦାବି କରିଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଶିଘ୍ର ଧାନ ମଣ୍ଡି ଖୋଲିବା , ଧାନ କିଣା କାରବାରରେ କଟନ ଛଟନି ବନ୍ଦ କରାଯାଉ, ଧାନ ମଣ୍ଡିରେ ମିଲର ମାନଙ୍କ ଦାଦାଗିରି ବନ୍ଦ କରିବା ସହ ମିଲର ମାନଙ୍କ ପ୍ରବେଶକୁ ବନ୍ଦ କରାଯାଉ, ଧାନ କିଣା କାରବାରରେ ଟୋକେନ ବ୍ୟବସ୍ଥାକୁ ଉଛେଦ କରାଯାଉ ଆଦି ଦାବି ରହିଛି । କୃଷକ ମୋଚା କୋରାପୁଟ ଜିଲା ଶାଖା ସଭାପତି ଭଗବାନ ମୁଦୁଲି ଙ୍କ ନେତୃରେ ବିଜେପି କର୍ମି ଓ ନେତା ମାନେ ଏହି ଦାବି ପତ୍ର ପ୍ରଦାନ କରିଥିଲେ । ଏଥିରେ ବୈଦ ନାଥ ମିଶ୍ର, ଅମର ଲାଲ ଆହୁଜା,ମିନା ଦାସ, ପ୍ରମୁଖ ଉପସ୍ଥିତ ଥିଲେ ।

## ଶୌଚ ହେବା ପାଇଁ ଯିବା ବେଳେ ବିଲରେ ପଡ଼ି ଜଣେ ମୃତ

କନ୍ଧମାଳ, ୩୦/୧୧ (ନି.ପ୍ର): ବିଲରେ ପଡ଼ି ଜଣେ ବ୍ୟକ୍ତି ମୃତ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବିଜ୍ଞାପିତ ଅଂଚଳ ପରିଷଦର ଏକ ନମ୍ବର ୱାର୍ଡ ବଡ଼ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା । ମୃତକ ବଡ଼ଗାଁ ଗ୍ରାମର ଜଳେଶ୍ୱର ମଳିକ(୫୦) ହୋଇଥିବା ବେଳେ ଏଯାବତ୍ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ସୂଚନା ପ୍ରକାରେ ଆଜି ସକାଳେ ଜଳେଶ୍ୱର ଶୌଚ ହେବାପାଇଁ ଯାଇ ଆଉ ଘରକୁ ଫେରି ନଥିଲେ । ବିଲ ଦେଇ ଯାଇଥିବା ଏକ ନାଳରେ ଜଳେଶ୍ୱର ପଡ଼ିଥିବା କିଛି ଗାଁ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଘଟଣାସ୍ଥଳରେ ପହଂଚି ଦେଖିବା ବେଳେ ଜଳେଶ୍ୱରଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ । ଜଳେଶ୍ୱରଙ୍କୁ ଉଦ୍ଧାର କରିବାରେ ଗ୍ରାମବାସୀ ସହଯୋଗ ନକରିବାରୁ ଖବରପାଇ ୱାର୍ଡ କାଉନସିଲର ଅଜୟ ଦିଗାଳଙ୍କ ସହ ଦୁଇ ସାମ୍ବାଦିକ ଫିଲିପ ଦିଗାଳ ଓ ଇସାକ ପ୍ରଧାନ ଘଟଣାସ୍ଥଳରେ ପହଂଚି ପୋଲିସ୍ ଉପସ୍ଥିତିରେ ନାଳରୁ ଶବ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି । ବାଲିଗୁଡ଼ା ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

# କେଉଁ ସମୟରେ ଖାଇବେ କେଉଁ ଫଳ



ଆମ ମଧ୍ୟରୁ ଅଧିକାଂଶ ଲୋକ ନିୟମିତ ଫଳହାର କରିଥାନ୍ତି। କିନ୍ତୁ କେଉଁ ସମୟରେ କେଉଁ ଫଳ ଖାଇବେ ସେ ନେଇ ଆୟୁର୍ବେଦରେ ନିର୍ଦ୍ଦିଷ୍ଟ ଭାବେ ବର୍ଣ୍ଣନା ରହିଛି। ତାକୁ ମାନିଲେ ଅଧିକ ସୁଫଳ ମିଳିପାରିବ।

ସେଓ – ସକାଳ ଜଳଖିଆ ସହିତ ସେଓ ଖାଇଲେ ଅଧିକ ଉପକାର ମିଳେ। ଏଥିରେ ଥିବା ପେକଟିନ ନାମକ ଫାଇବର ଉଚ୍ଚ ରକ୍ତଚାପର ଆଶଙ୍କାକୁ କମାଏ। କୋଲେଷ୍ଟେରୋଲର ସ୍ତରକୁ ବି ନିୟନ୍ତ୍ରଣ କରିଥାଏ। କିନ୍ତ ରାତିରେ ସେଓ ଖାଇବା ଅନୁଚିତ। କାରଣ ରାତିରେ ପେକଟିନ ହଜମ ହେବାରେ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏସିଡିଟି ଆଶଙ୍କା ବଢ଼ିଥାଏ।





କଦଳୀ – ମଧ୍ୟାହ୍ନ ଭୋଜନ ସହିତ କଦଳୀ ଖାଇଲେ ଅଧିକ ସୁଫଳ ମିଳିଥାଏ। ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ତେବେ ରାତିରେ କଦଳୀ ଖାଇବା ଅନୁଚିତ। ଏହାଦ୍ୱାରା ଖାଦ୍ୟ ହଜମରେ ଅସୁବିଧା ହୋଇଥାଏ।



କମଳା: ଅପରାହ୍ନରେ ସ୍ନାକ୍ସ ସହିତ କମଳା ଖାଇଲେ ଅଧିକ ସୁଫଳ ମିଳିଥାଏ। ସକାଳୁ ଖାଲିପେଟରେ ଏହାକୁ ଖାଇଲେ ପେଟ ସମ୍ବନ୍ଧୀୟ ସମସ୍ୟା ହେବାର ଆଶଙ୍କା ଥାଏ।

ଟମାଟୋ: କୁହାଯାଏ ଯେ ଗୋଟିଏ ଟମାଟୋ ଖାଇବା ଏକ ସେଓ ଖାଇବା ସହିତ ସମାନ। ହେଲେ ସକାଳୁ ବା ମଧ୍ୟାହ୍ନ ଭୋଜନରେ ଟମାଟୋ ଖାଇଲେ ଭଲ। ରାତିରେ ଏହାକୁ ଖାଇଲେ ହଜମ ସମସ୍ୟା ହୋଇପାରେ।

ଅଙ୍ଗୁର: ଅଙ୍ଗୁରରେ ଭିଟାମିନ ସି ସହିତ ପ୍ରଚୁର ପରିମାଣରେ ରୋଗ ପ୍ରତିରୋଧକ ଶକ୍ତି ରହିଛି। ଏଥିରେ ଥିବା ଜଳୀୟ ଅଂଶ ଶରୀରକୁ ସତେଜ ରଖିବାରେ ସହାୟକ ହୋଇଥାଏ। ପ୍ରତିଦିନ ସକାଳୁ ଖାଲିପେଟରେ ଗୋଟିଏ ଗ୍ଲାସ ଅଙ୍ଗୁର ଜୁସ୍ ପିଇଲେ କୋଷ୍ଠକାଠିନ୍ୟସ ମସ୍ୟା ଧୀରେ ଧୀରେ ଦୂର ହୋଇଥାଏ। ତେଣୁ ଦିନର ଅନ୍ୟ ସମୟ ଅପେକ୍ଷା ସକାଳୁ ଅଙ୍ଗୁର ଖାଇବା ଉପକାରୀ।



# ହୀରାର ହୃଦୟ





ଦିନକୁ ଦିନ ଦୁନିଆରେ ଚୋର ଏବଂ ଡକାୟତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ହଜିଯାଇଥିବା ବସ୍ତୁକୁ ପାଇଲେ ମଧ୍ୟ କେହି ଫେରାଇବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। କିନ୍ତୁ ଆଜି ବି ଏହି ଦୁନିଆରେ କିଛି ଏଭଳି ଭଲ ଲୋକ ଅଛନ୍ତି ଯେଉଁମାନେ ଅନ୍ୟର ପାଇଥିବା ଜିନିଷକୁ ଫେରାଇ ଦେବାରେ ବିଶ୍ୱାସ ରଖନ୍ତି। ଯାହା ଫଳରେ ଅନ୍ୟମାନଙ୍କ ପାଇଁ ଏମାନେ ପାଲଟିଯାଆନ୍ତି ଉଦାହରଣ। ଆଜି ଆମେ ଏପରି ଏକ ଯୁବକଙ୍କ ବିଷୟରେ ଜଣାଇବାକୁ ଯାଉଛୁ, ଯିଏ ନିଜର ଭଲ ଉଦ୍ଦେଶ୍ୟ ଲାଗି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସମସ୍ତଙ୍କୁ ଜଣା ସୁରତରେ ହୀରାର ଖଣି ରହିଛି। ତେବେ ସୁରତର ଜଣେ ଜଗୁଆଳିର ପୁଅ ପାଇଥିବା ୪୫ଲକ୍ଷର ଅମୂଲ୍ୟ ହୀରା ତା'ର ମାଲିକକୁ ଫେରାଇ ଦେଇଛି। ଏହି କାରଣରୁ ଉକ୍ତ ୧୫ବର୍ଷୀୟ ଯୁବକକୁ ସମ୍ମାନିତ କରାଯାଇଛି। ଜଗୁଆଳି ଏବଂ ତାଙ୍କର ୧୫ବର୍ଷର ପୁଅକୁ ୪୫ଲକ୍ଷ ଟଙ୍କାର ହୀରାରେ ଭର୍ତି ଏକ ପାତ୍ର ମିଳିଥିଲା। ପ୍ରସିଦ୍ଧ ହୀରା ବ୍ୟବସାୟୀ ମନସୁଖ ଭାଇ ସବାଲିୟାଙ୍କ ଏହି ହୀରା ଥଳିଟି ହଜିଯାଇଥିଲା, ଯାହାକୁ କ୍ରିକେଟ ପଡ଼ିଆରୁ ପାଇଥିଲେ ଜଗୁଆଳିର ପୁଅ ବିଶାଳ। ହୀରା ପାଇବା ପରେ ବିଶାଳ ବାପାଙ୍କୁ ଏ ବିଷୟରେ ଜଣାଇଥିଲେ। ତାଙ୍କର ପିତା ଫୁଲଚନ୍ଦ ତାହା ହୀରା ବୋଲି ଜାଣିପାରି ହୀରା ସଂଘକୁ ଯାଇଥିଲେ ଏବଂ ସିସିଟିଭିର ଫୁଟେଜକୁ ଦେଖିବା ପରେ ହୀରାର ସତ୍ୟତା ଜଣାପଡ଼ିଥିଲା। ଏହାପରେ ସେମାନେ ଉକ୍ତ ହୀରାମାନଙ୍କୁ ଫେରାଇ ଦେଇଥିଲେ। ତେବେ ହଜିଯାଇଥିବା ହୀରାକୁ ଫେରାଇଥିବାରୁ ଫୁଲଚନ୍ଦ ଏବଂ ତାଙ୍କ ପୁଅକୁ ଏକ ସଭାରେ ସମ୍ମାନିତ ରାଯାଇଥିଲା। ଏହା ସହିତ ବିଶାଳଙ୍କର ସମସ୍ତ ପାଠପଢ଼ା ଦାୟିତ୍ୱ ଉକ୍ତ ହୀରା ସଂଘ ଉଠାଇବାର ଘୋଷଣା କରିଛନ୍ତି।

# ପେଟବ୍ୟଥା ଦୂରକରେ ମର୍କଟାସନ





ପ୍ରଥମେ ସିଧା ହୋଇ ଶୋଇ ଦୁଇ ହାତକୁ କାନ୍ଧ ସମାନ୍ତର ଭାବେ ଲମ୍ବାଇ ଦିଅନ୍ତୁ। ଯେପରି ପାପୁଲି ଉପର ପଟକୁ ଖୋଲାଯିବ। ତାପରେ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ମୋଡ଼ି ପେଟ ପାଖରେ ରଖନ୍ତୁ। ତା'ପରେ ଦୁଇ ଆଣ୍ଠୁ କୁଡାହାଣ ଆଡ଼କୁ ଢଳାଇଛ ବାମ ଆଣ୍ଠୁ କୁ ଡାହାଣ ଆଡ଼କୁ ଢଳାଇ ବାମ ଆଣ୍ଠୁକୁ ଭୂମିସହ ଲଗାଇ ଦିଅନ୍ତୁ।ବାମ ଆଣ୍ଠୁ ଡାହାଣ ଆଣ୍ଠୁ ଉପରେ ରହିବ ତଥା ଡାହାଣ ପାଦର ଗୋଇଠି ଉପରେ ବାମ ପାଦର ଗୋଇଠି ରହିବ। ବେଳକୁ ବାମ ପଟକୁ ଘୁରାଇ ରଖନ୍ତୁ। ଏହିଭଳି ବାମ ପାର୍ଶ୍ୱରେ ମଧ୍ୟ ଏହି ଆସନ କରିପାରିବେ। ଏହି ଆସନ କରିବା ଫଳରେ ଅଂଟାବ୍ୟଥା,ସର୍ବାଇକେଲ, ସୋଣ୍ଡୋଲାଇଟିସ, ସ୍ଲିପଡୋସ୍କ ଏବଂ ସାଇଟିକାରୁ ବିଶେଷ ଉପକାର ମିଳିଥାଏ। ଅଣ୍ଟାବ୍ୟଥା, ପେଟବ୍ୟଥା ଓ କୋଷ୍ଠ କାଠିନ୍ୟ ଦୂର ହୁଏ।

# କିନ୍ନରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା



କିନ୍ନରଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଯୋଗାଇ ଦେଉଥିବା କେରଳର କୋଟ୍ଟାୟାମ୍ ସରକାରୀ ଡାକ୍ତରଖାନା ଏବେ ଚର୍ଚ୍ଚାରେ। ପ୍ରତିଦିନ କିଛି ସମୟ ପାଇଁ ଏଠାରେ ଭିନ୍ନ ଭିନ୍ନ ବିଭାଗୀୟ ଡାକ୍ତରମାନଙ୍କ ଦ୍ୱାରା କିନ୍ନରମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଡାକ୍ତରଖାନାର ବର୍ହିବିଭାଗରେ ଏମାନେ ଧାଡ଼ିରେ ଛିଡ଼ା ହୋଇ ଚିକିତ୍ସା ସୁବିଧା ପାଇପାରୁଛନ୍ତି।ଅନ୍ୟମାନଙ୍କ ଦ୍ୱାରା ଥଟ୍ଟା, ପରିହାସର ଶିକାର ହେଉନାହାନ୍ତି। ସାଧାରଣତଃ ଏମାନଙ୍କୁ ନେଇ ଅନ୍ୟମାନଙ୍କ ମନରେ ଥିବା ପ୍ରଚ୍ଛନ୍ନ ହୀନମନ୍ୟତାରୁ ରକ୍ଷା ପାଇଁ ଏପରି ବ୍ୟବସ୍ଥା କରାଯାଇଛି। କିନ୍ନରମାନଙ୍କୁ ସମସ୍ତ ପ୍ରକାର ସହଯୋଗ ସହାୟତା ଯୋଗାଇଦେବା ସହିତ, ସାମାଜିକ ବାସନ୍ଦଜନିତ ଯନ୍ତ୍ରଣାକୁ ମୁକ୍ତି ଦେବା ଏହି ପ୍ରୟାସର ମୁଖ୍ୟ ଲକ୍ଷ୍ୟ।

# କମ୍ ବୟସର ପିଲାଙ୍କର ବି ପାଚି ଯାଉଛି କେଶ: ଏହି ସବୁ କଥାକୁ ଦିଅନ୍ତୁ ଧ୍ୟାନ



ବୟସ ସହିତ କେଶ ପାଚିବା ବା ଧଳା ହେବା ଅତ୍ୟନ୍ତ ସାଧାରଣ କଥା। କିନ୍ତୁ ଆଜିକାଲି, ସ୍କୁଲ-କଲେଜ ଯାଉଥିବା ପିଲାମାନେ ମଧ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେଶ ଝଡ଼ିବାରୁ ନେଇ ପିଲାଦିନେ କେଶ ଧଳା ହୋଇଯିବା ପରି ଅସୁବିଧାକୁ ସାମ୍ନା କରୁଛନ୍ତି। ଏହି ଧଳା କେଶକୁ ଲୁଚାଇବା ପାଇଁ ବିଭିନ୍ନ ଲୋକ ବିଭିନ୍ନ ଉପାୟ ଆପଣେଇଥାନ୍ତି। ହେଲେ ସେପରି ନକରି ଘରୋଇ ଉପଚାର କରିବା ଖୁବ୍ ଭଲ।

ଅଁଳା ଏକ ଏପରି ଫଳ ଯେଉଁଥିରେ ଖୁବ୍ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଅଛି। ଯାହାର ପ୍ରୟୋଗରେ ଆମେ କେଶକୁ ଧଳା ହେବାରୁ ବଞ୍ଚାଇ ପାରିବା। ଆପଣ ଅଁଳା ଖାଇବା ଆରମ୍ଭ କରନ୍ତୁ। ଏହା କେଶ ସହ ସ୍ୱାସ୍ଥ୍ୟ ପାଇଁ ବି ଭାରି ଭଲ। ଆପଣ ଅଁଳା ଫଳ, ଗୁଣ୍ଡ, ଚକୋଲେଟ୍ କିଛି ବି ଖାଆନ୍ତୁ। ଏହା କେଶକୁ ମଜବୁତ୍ କରିବା ସହ କଳା କରିଥାଏ। ଅଁଳା ତେଲ ବି କେଶ ପାଇଁ ଭଲ ହୋଇଥାଏ।



ରାଶି ଲଡୁ ଆପଣଙ୍କୁ ଭଲ ଲାଗୁଥିବ ନିଶ୍ଚୟ। ମନେ ରଖନ୍ତୁ ଏହା କେବଳ ପାଟି ସୁଆଦ ପାଇଁ ନୁହେଁ, ବରଂ କେଶ ପାଇଁ ବି ଭାରି ଭଲ। ରାଶି ଖାଇଲେ ଆପଣଙ୍କ କେଶ ପାଇଁ ବହୁତ ଭଲ। ଆପଣ ଏହାର ତେଲକୁ ବି କେଶରେ ପ୍ରୟୋଗ କରିପାରିବେ। କଳା କିସ୍‌ମିସ୍‌ରୁ ଦିନକୁ ୨-୪ଟି ଖାଇଲେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଦୂର ହୋଇଥାଏ। କେଶ ପାଇଁ ଯେ ଏହା କେତେ ଭଲ, ତାହା ଆପଣଙ୍କୁ କହିବା ଜରୁରୀ ନୁହେଁ। ଏହାଛଡ଼ା ଭୃଙ୍ଗ ପତ୍ର ଓ ଦେଶୀ ଘିଅ ବି କେଶ ପାଇଁ ଖୁବ୍ ଭଲ। ଏହାକୁ ନିଜର ଦୈନନ୍ଦିନ ଖାଦ୍ୟରେ ସାମିଲ୍ କରିବା ପାଇଁ ଭୁଲନ୍ତୁ ନାହିଁ।



# ପ୍ରତିଦିନ ଫଳ ଖାଇଲେ ଡିମେନସିଆ ଆଶଙ୍କା କମେ



ବୟସ୍କ ଲୋକମାନେ ପ୍ରତିଦିନ କମଳା, ଅଙ୍ଗୁର ପରି ଖଟାଫଳ ଖାଇଲେ ସେମାନଙ୍କ ମଧ୍ୟରେ ଡିମେନସିଆ ଦେଖାଦେବାର ଆଶଙ୍କା ୨୩ ପ୍ରତିଶତ ହ୍ରାସ ପାଇଥାଏ। ଜାପାନର ତୋହକୁ ବିଶ୍ୱବିଦ୍ୟାଳୟର ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ, କମଳା, ଲେମ୍ବୁ, ଅଙ୍ଗୁର ପରି ଯେକୌଣସି ଖଟାଫଳ ପ୍ରତିଦିନ ଖାଇଲେ ଏହା ମସ୍ତିଷ୍କର ଆରୋଗ୍ୟ ହୋଇ ପାରୁ ନଥିବା କେତେକ ସ୍ଥିତିରୁ ମଧ୍ୟ ରକ୍ଷା କରିଥାଏ। କାରଣ ଖଟାଫଳରେ ଥିବା ସାଇଟ୍ରିକ ଏସିଡ଼ରେ ନୋବିଲେଟିନ ନାମକ ରସାୟନ ସ୍ମୃତିଶକ୍ତି ହ୍ରାସ କରିବା ପ୍ରକ୍ରିୟାକୁ ଧୀମା କରିଥାଏ। ଏହାକୁ ପଶୁମାନଙ୍କ ଉପରେ ପରୀକ୍ଷଣ କରି ଗବେଷକ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ୧୩୦୦୦ ବୃଦ୍ଧଙ୍କ ଉପରେ ବି ପରୀକ୍ଷଣ କରାଯାଇଛି।

# ବିଶ୍ୱର ସବୁଠାରୁ ବଡ଼ ସିଙ୍ଗଡ଼ା



ଭାରତୀୟଙ୍କ ବେଶ ପସନ୍ଦ ହେଉଛି ସିଙ୍ଗଡ଼ା। ବିଦେଶ ଗସ୍ତରେ ଥିବା ଅନେକ ଭାରତୀୟ ସିଙ୍ଗଡ଼ାକୁ ମିସ୍ କରନ୍ତି। ହେଲେ ଏବେ ଲଣ୍ଡନରେ ସିଙ୍ଗଡ଼ା ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ଲଣ୍ଡନରେ ବିଶ୍ୱର ସବୁଠାରୁ ବଡ଼ ସିଙ୍ଗଡ଼ାକୁ ଦେଖିବାର ସୁଯୋଗ ପାଇଥିଲେ ଅନେକ। ଏହି ସିଙ୍ଗଡ଼ାର ଓଜନ ଥିଲା ୧୫୩.୧ କିଲୋଗ୍ରାମ।

ପୂର୍ବ ଲଣ୍ଡନର ଏକ ମସଜିଦରେ ଏହି ସିଙ୍ଗଡ଼ାଟି ତିଆରି କରାଯାଇଥିଲା। ମୁସଲିମ ସମ୍ପ୍ରଦାୟର ଲୋକଙ୍କ ପାଇଁ କାମ କରୁଥିବା ସଙ୍ଗଠନ ଏହି ସିଙ୍ଗଡ଼ାକୁ ତିଆରି କରିଥିଲା ବେଳେ ଏହି ଅବସରରେ ଗିନିଜ ବୁକର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ସେମାନେ ଏହାକୁ ବିଶ୍ୱର ସବୁଠାରୁ ବଡ଼ ସିଙ୍ଗଡ଼ାଶର ମାନ୍ୟତା ଦେଇଥିଲେ। ପୂର୍ବରୁ ଏହି ମାନ୍ୟତା ୨୦୧୨ ମସିହାରେ ବ୍ରେଡ୍‌ଫୋର୍ଡ଼ କଲେଜରେ ତିଆରି ହୋଇଥିବା ସିଙ୍ଗଡ଼ାକୁ ମିଳିଥିଲା। ଏହି ସିଙ୍ଗଡ଼ାର ଓଜନ ଥିଲା ୧୧୦.୮ କିଲୋଗ୍ରାମ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୦୧ ଡିସେମ୍ବର ୨୦୨୩, ଶୁକ୍ରବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଈଶ୍ୱରଙ୍କୁ କୃତଜ୍ଞତା...

ଉତ୍ତରକାଶୀର ସୁଡ଼ଙ୍ଗ ଦୁର୍ଘଟଣାରୁ ଉଦ୍ଧାର ପାଇ ସାରିଛନ୍ତି ଏଥିରେ ଫସି ରହିଥିବା ସମସ୍ତ ୪୧ ଜଣ ଶ୍ରମିକ । ଏଥିପାଇଁ ମାନବୀୟ କଠୋର ପରିଶ୍ରମ ଓ ସାହସିକତା ଯେତିକି ଧନ୍ୟବାଦାର୍ହ, ସେତିକି କୃତଜ୍ଞତା ଜ୍ଞାପନ କରାଯାଇଛି ଈଶ୍ୱରଙ୍କ ନିକଟରେ। ତେବେ ଏଇ ଘଟଣା ପରିବେଶର ସନ୍ତୁଳନ ବଜାୟ ରଖିବା ଦୃଷ୍ଟିରୁ ଏକ ଆଖି ଖୋଲିଦେବା ଭଳି ଦୃଷ୍ଟାନ୍ତ । ଏଇ ପରିବେଶ କଥା ଉପରେ ଆଗାମୀ ପନ୍ଦର ଦିନ ବିଶ୍ୱ ଦେଖିବାକୁ ଯାଉଛି ବେଶ୍ କିଛି ଆଲୋଚନା । ଆଜିଠାରୁ ଦୁବାଇରେ ଆରମ୍ଭ ହେବାକୁ ଯାଉଛି ସିଓପି-୨୮ ଅର୍ଥାତ୍ ପକ୍ଷମାନଙ୍କର ସମ୍ମିଳନୀ (କନ୍‌ଫରେନ୍ସ ଅଫ୍ ଦ ପାର୍ଟିଜ୍)ର ୨୮ତମ ସଂସ୍କରଣ, ଯେଉଁଥିରେ ଅଂଶଗ୍ରହଣ କରୁଛନ୍ତି ୨୦୦ରୁ ଅଧିକ ଦେଶର ସରକାରଙ୍କ ନେତୃବୃନ୍ଦ, ଶିଳ୍ପପତି, ପରିବେଶ କର୍ମୀ ଏବଂ ସ୍ୱତନ୍ତ୍ର ବ୍ୟକ୍ତିବିଶେଷ । ଏହି ବାର୍ଷିକ ବ୍ୟାପାରରେ ପରିବେଶର ସୁରକ୍ଷା ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ହେବା ସଙ୍ଗେ ସଙ୍ଗେ ୨୦୧୫ରେ ପ୍ୟାରିସ୍‌ଠାରେ ଅଂଶଗ୍ରହଣକାରୀ ଦେଶମାନେ ସାମୁହିକ ଭାବରେ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବିଶ୍ୱର ତାପମାତ୍ରାକୁ ପ୍ରାକ୍-ଶିଳ୍ପ ଯୁଗଠାରୁ ୧.୫ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ନହେବା ପାଇଁ ଦେବାକୁ ଏବଂ ନିଶ୍ଚିତ ଭାବରେ ୨ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ରଖିବାକୁ କାର୍ଯ୍ୟ କରିବା ନିମନ୍ତେ ଏକ ଦ୍ରୁତ ଗତିରେ ସଂକୁଚିତ ହୋଇ ଆସୁଥିବା ପରିସରରେ ପଦକ୍ଷେପଗୁଡ଼ିକ ନେବା ପାଇଁ ପୁନଃପ୍ରତିବଦ୍ଧ ହେବେ। ନିକଟରେ ହୋଇଥିବା ଆକଳନଗୁଡ଼ିକ ସୂଚାଇ ଥାଏ ଯେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ବିଶ୍ୱ ଏକ ଭୟଙ୍କର ୨.୫ରୁ ୨.୯ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାକୁ ସାମ୍ନା କରିବା ପଥରେ ପଥିକ ହୋଇ ସାରିଛି । ସୂଚନାଯୋଗ୍ୟ ଯେ ବିଶ୍ୱ ତାପମାତ୍ରା କେବଳ ଚଳିତ ବର୍ଷ ହିଁ ସାଂଘାତିକ ଭାବରେ ବିପଜ୍ଜନକ ୧.୫ ଡିଗ୍ରୀ ଦେହଳୀକୁ ୮୬ ଥର ଅତିକ୍ରମ କରି ସାରିଥିବାର ଦୃଷ୍ଟାନ୍ତ ରହିଛି। ଚଳିତ ବର୍ଷର ଜଳବାୟୁ ସମ୍ମିଳନୀ ପାଇଁ ପ୍ରସ୍ତୁତ କାର୍ଯ୍ୟସୂଚୀରେ ଅନେକଗୁଡ଼ିଏ ବିବାଦୀୟ ପ୍ରସଙ୍ଗ ରହିଛି, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ହାନି ଏବଂ କ୍ଷତି ପାଣ୍ଠିକୁ କାର୍ଯ୍ୟକାରୀ କରିବା, ଜୀବାଶ୍ମ ଜାଳେଣିଗୁଡ଼ିକର ପର୍ଯ୍ୟାୟକ୍ରମେ ବନ୍ଦ କରିବା, ୨୦୩୦ ସୁଦ୍ଧା ପୁନର୍ନବୀକରଣୀୟ ଶକ୍ତିର ବ୍ୟବହାରକୁ ତିନିଗୁଣ କରିବା, ମିଥେନ୍‌ର ନିର୍ଗମନରେ ହ୍ରାସ ଏବଂ ଅଙ୍ଗାରକକୁ ଧରି ରଖିବା ତଥା ଜୀବାଶ୍ମ ଜାଳେଣିଗୁଡ଼ିକ ଜଳିବା ପରେ ସେଥିରୁ ନିର୍ଗତ ବାଷ୍ପଗୁଡ଼ିକୁ ହଟାଇବା ନିମନ୍ତେ ଭଣ୍ଡାରଣ କରିବା ଭଳି ବୈଷୟିକ ଜ୍ଞାନକୌଶଳଗୁଡ଼ିକର ବ୍ୟବହାର । ଏ ବର୍ଷ ଆଉ ଗୋଟିଏ କଥା ମଧ୍ୟ ଘଟିବାକୁ ଯାଉଛି ଏହି ସମ୍ମିଳନୀରେ । ଏହା ହେଉଛି, ପ୍ରଥମ ଥର ପାଇଁ ବିଶ୍ୱ ସ୍ତରରେ ଏକ ହିସାବ ଯାହା ୨୦୧୫ ପ୍ୟାରିସ୍ ରାଜିନାମା ଉପରେ କେତେ ପ୍ରଗତି ହାସଲ କରାଯାଇଛି, ତା'ର ଏକ ବ୍ୟାପକ ଆକଳନ । ଏହା ବ୍ୟତୀତ ସିଓପି-୨୮କୁ ଆତିଥେୟତା ପ୍ରଦାନ କରୁଥିବା ଦେଶ ସମ୍ମିଳନୀର କାର୍ଯ୍ୟସୂଚୀରେ ଜଳବାୟୁ ପରିବର୍ତ୍ତନର ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ସାମଗ୍ରୀ ଉତ୍ପାଦନ ଉପରେ କି କି ପ୍ରଭାବ ପଡୁଛି, ତା'ର ଏକ ତାଲିକା ଉପସ୍ଥାପନକୁ ଅନ୍ତର୍ଭୁକ୍ତ କରିଛନ୍ତି । ପୁନଶ୍ଚ, ସିଓପି-୨୮ର ପରାମର୍ଶଦାତା ପରିଷଦର ଗଠନକୁ ନେଇ ମଧ୍ୟ ବିବାଦ ଉଠିଥିଲା, ଯେଉଁଥିରେ ନିହାତି କମ୍‌ରେ ଚାରି ଜଣ ସଦସ୍ୟ ସାମ୍ପ୍ରତିକ ବା ପୂର୍ବତନ ତୈଳ ଉଦ୍ୟୋଗ କାର୍ଯ୍ୟନିର୍ବାହୀ ସାମିଲ ଅଛନ୍ତି। ଏହା ବାଦ୍ ଅନ୍ୟ ଏକ ପ୍ରସଙ୍ଗ ହେଉଛି, ଛୋଟ ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ। ଜଳବାୟୁଜନିତ କ୍ଷତିର ଭରଣା କରିବା ନିମନ୍ତେ ଯେଉଁ ହାନି ଏବଂ କ୍ଷତି ପାଣ୍ଠି ସୃଷ୍ଟି ହୋଇଛି, ସେଥିପାଇଁ କିଏ କେତେ ପାଣ୍ଠି ପ୍ରଦାନ କରିବେ, ତାହା ସ୍ୱେଚ୍ଛାମୂଳକ ହେବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଦାବି କରିଛି । ତେଣୁ ଏହି ପାଣ୍ଠିର ଆକାର ବା ପରିମାଣ କେତେ ହେବ ଏବଂ କେଉଁ ଦେଶ ଏହି ପାଣ୍ଠିକୁ କେତେ ପରିମାଣର ଅର୍ଥ ପ୍ରଦାନ କରିବେ, ସେ ବିଷୟରେ କୌଣସି ପ୍ରକାରର ସ୍ପଷ୍ଟତା ନାହିଁ । ପୃଥକ୍ ଭାବରେ ଜୀବାଶ୍ମ ଜାଳେଣିର ବ୍ୟବହାର ସମ୍ପର୍କରେ ଅଲ-ଜାବେରଙ୍କ 'ପର୍ଯ୍ୟାୟକ୍ରମେ ବନ୍ଦ କରିବା' ପରିବର୍ତ୍ତେ 'ପର୍ଯ୍ୟାୟକ୍ରମେ ହ୍ରାସ କରିବା' ଶବ୍ଦାବଳୀ ପ୍ରୟୋଗ କରିବା ସମସ୍ତଙ୍କ ଭ୍ରୂକୁଞ୍ଚନ ସୃଷ୍ଟି କରିଛି । ସେହିପରି ସବୁଜ ଗୃହ ବାଷ୍ପଗୁଡ଼ିକର ପ୍ରଭାବରେ ସୁଧାର ଆଣିବା ନିମନ୍ତେ ଭୂପାୟିକ ବା ଜିଓଇଞ୍ଜିନିୟରିଂ କୌଶଳଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ, ଯାହାକୁ ବୈଜ୍ଞାନିକମାନେ ନିର୍ଗମନ ହ୍ରାସକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମୟ ନେବ, କିନ୍ତୁ ସରକାରମାନଙ୍କୁ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ ବୋଲି କହୁଛନ୍ତି । ଗତ ବର୍ଷର ସମ୍ମିଳନୀକୁ ବାଦ୍ ଦେଲେ, ଯେତେବେଳେ ଦେଶମାନେ ହାନି ଏବଂ କ୍ଷତି ପାଣ୍ଠିକୁ ସେମାନଙ୍କର ଅବଦାନ ରଖିବାକୁ ରାଜି ହୋଇଥିଲେ, ଏହି ସମ୍ମିଳନୀ କେବଳ ଏକ କଥାକୁହା ଦୋକାନରେ ପରିଣତ ହୋଇଛି ବୋଲି ସମାଲୋଚକମାନେ କୁହନ୍ତି। ଜୀବାଶ୍ମ ଜାଳେଣି ଉଦ୍ୟୋଗ ଥିବା ଦେଶମାନଙ୍କରୁ ଶହ ଶହ ସଂଖ୍ୟକ ପ୍ରତିନିଧି ସମ୍ମିଳନୀରେ ଯୋଗ ଦେବା ଏହି ସମାଲୋଚନାକୁ ଅଧିକ ଶାଣିତ କରିଛି । କହିବା ବାହୁଲ୍ୟ, ସର୍ବାଧିକ ଉତ୍ତପ୍ତ ବର୍ଷ ଭାବରେ ବିବେଚିତ ଚଳିତ ବର୍ଷରେ ଏହି ସମ୍ମିଳନୀ ବିଶ୍ୱ ତାପମାତ୍ରା ବୃଦ୍ଧି ସହିତ ଜଳବାୟୁ ପରିବର୍ତ୍ତନକୁ ରୋକିବା ନିମନ୍ତେ ନେତୃବୃନ୍ଦ ଏବଂ ନୀତି ନିର୍ଦ୍ଧାରକମାନଙ୍କ ନିମନ୍ତେ ଶେଷ ସୁଯୋଗ ହୋଇପାରେ ।

# ଏଡ଼୍‌ସ : ଏହି ଡ଼ର ସଭିଙ୍କୁ



## ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଏଡ଼୍‌ସ । ଏହି ଡ଼ର ସଭିଙ୍କୁ । ଗର୍ଭସ୍ଥ ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ । ମଙ୍ଗଳରେ କୋବି ଚାଷ କରିବାକୁ ସ୍ୱପ୍ନ ଦେଖୁଥିବା ବୈଜ୍ଞାନିକମାନେ ମଧ୍ୟ ଏଡ଼୍‌ସ ନିରାକରଣ ପାଇଁ ଏଯାଏଁ ମେଡ଼ିସିନ୍ ଆବିଷ୍କାର କରିବାରେ ସଫଳତା ପାଇପାରିନାହାନ୍ତି । ଗତ ଦିଦଶନ୍ଧି ଧରି ଏହା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲେ ମଧ୍ୟ ବ୍ୟାପକ ସଚେତନତା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ ଆରମ୍ଭ କରି ଜାତୀୟ ଏଡ଼୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ଏବଂ ଓଡ଼ିଶା ରାଜ୍ୟ ଏଡ଼୍‌ସ ନିୟନ୍ତ୍ରଣ ସଂଗଠନ (ଓସାକ୍) ଭଳି ସରକାରୀ ଅନୁଷ୍ଠାନ ଓ ବେସରକାରୀ ସଂଗଠନର ମିଳିତ କାର୍ଯ୍ୟକ୍ରମ ଯୋଗୁଁ ଭୟ ଉଦ୍ରେକକାରୀ ଏଡ଼୍‌ସର କବଳରୁ ମାନବ ସମାଜକୁ ମୁକ୍ତ ରଖାଯାଇପାରିଛି । ପ୍ରାରମ୍ଭିକସ୍ତରରେ ଏଡ଼୍‌ସ ସଚେତନତା ମହିଳା ଓ ପୁରୁଷ ଯୌନ କର୍ମୀ, ଟ୍ରକ ଡ୍ରାଇଭର ଓ ହିଞ୍ଜଡ଼ାମାନଙ୍କୁ ସଚେତନତା ସୃଷ୍ଟି କରିବାରେ ସଫଳତା ମିଳିଥିଲେ ମଧ୍ୟ ଏବେ ବି ଏଡ଼୍‌ସର ପ୍ରାଦୁର୍ଭାବରେ ହ୍ରାସ ପରିଲକ୍ଷିତ ହୋଇନାହିଁ । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଶେଷକରି କିଶୋର ଓ ନିଶାସକ୍ତ ଯୁବକମାନେ ଏବେ ଏଡ଼୍‌ସ ଫାଶରେ ପଡ଼ିଥିବା ଦେଖିବାକୁ ମିଳିଛି । ଯାହାକୁ ଆଖିଆଗରେ ରଖି କିଶୋରଙ୍କୁ ଏନେଇ ସଚେତନତା କରିବା ଦିଗରେ 'ହୁ' ଗୁରୁତ୍ୱାରୋପ କରିଛି ।

ବର୍ତ୍ତମାନ ଏଡ଼୍‌ସ ନିରାକରଣର ମୁଖ୍ୟ ଲକ୍ଷ୍ୟ ରହିଛି : ଆଉ ଜଣକୁ ବି ଏଡ଼୍‌ସ ଆକ୍ରାନ୍ତ ହେବାକୁ ଦିଆଯିବ ନାହିଁ, କୌଣସି ଏଡ଼୍‌ସ ଆକ୍ରାନ୍ତଙ୍କୁ ଭେଦଭାବର ଶିକାର ହେବାକୁ ଦିଆଯିବା ନାହିଁ କି ଏଡ଼୍‌ସ ଆକ୍ରାନ୍ତଙ୍କୁ ମରିବାକୁ ଦିଆଯିବ ନାହିଁ। ତେବେ ଚଳିତବର୍ଷ ବିଶ୍ୱ ଏଡ଼୍‌ସ ଦିବସ ଅବସରରେ କିଶୋର ମାନଙ୍କୁ ସଚେତନତା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି । 'ହୁ'ର ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ତ୍ତମାନ ପ୍ରାୟ ୪ କୋଟି ଲୋକ ଏଚଆଇଭି ଏଡ଼୍‌ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । କିନ୍ତୁ ସେଥିମଧ୍ୟରୁ ୨୧ଲକ୍ଷ କିଶୋର ବି ଏଡ଼୍‌ସରେ ଆକ୍ରାନ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ମାତୃଗର୍ଭରୁ ଏଡ଼୍‌ସର ଶିକାର ହୋଇଥିବାବେଳେ ଅଧିକାଂଶ କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରକ ଯୋଗୁଁ ଏଡ଼୍‌ସ ପଞ୍ଝାରେ ପଡ଼ି ଯାଇଛନ୍ତି । ବିଶେଷକରି ଅସୁରକ୍ଷିତ ଯୌନ ସମ୍ପର୍କ, ଡ୍ରଗ୍ ବ୍ୟବହାର ପାଇଁ ଏଭଳି ବିପଦ ଭିତରକୁ କିଶୋରମାନେ ଠେଲି ହୋଇଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି । ନିକଟରେ ରାଜ୍ୟ ସରକାରଙ୍କ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୩୫୧୫ଜଣ ଏଡ଼୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି । ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥାନ ୧୪ରେ ରହିଛି । ସର୍ବାଧିକ ଏଡ଼୍‌ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ତାହା ପଛକୁ କଟକ ଓ ପରବର୍ତ୍ତୀ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି । ସେହିପରି ସର୍ବଭାରତୀୟ ସ୍ତରରେ ଏଡ଼୍‌ସ ରୋଗରେ ସବୁଠୁ ଆଗରେ ରହିଛି ନାଗାଲାଣ୍ଡ ଓ ସବୁଠାରୁ କମ୍ ସ୍ଥାନରେ ରହିଛି କେରଳ । ୨୦୧୨ ସର୍ବେକ୍ଷଣ ଅନୁଯାୟୀ ସମଗ୍ର ଭାରତରେ ୧୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ୩୫ଜଣ ଏଡ଼୍‌ସ୍ ସଂକ୍ରମିତ ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୩୧ ।

୧୦ରୁ ୧୯ ବର୍ଷର କିଶୋରମାନଙ୍କ ମଧ୍ୟରେ ଏଡ଼୍‌ସ ସଚେତନତାର ଅଭାବ, ରୋଗର ନିଦାନ ଓ ନିରାକରଣ ଦିଗରେ ଉପଯୁକ୍ତ ପରାମର୍ଶ ଦିଆଯାଇପାରୁ ନଥିବାରୁ କିଶୋର ମାନେ ଅତ୍ୟନ୍ତ ବିପଦସଂକୁଳ ହୋଇପଡ଼ିଛନ୍ତି । ଯେଉଁଥିପାଇଁ ଏଡ଼୍‌ସ ଆକ୍ରାନ୍ତ କିଶୋରମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରୁଥିବା କିଶୋରଙ୍କ ସଂଖ୍ୟାରେ ୫୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା । କିନ୍ତୁ ଧୀରେ ଧୀରେ ଏନେଇ ସଚେତନତା ସୃଷ୍ଟି କରାଯାଇଥିବାରୁ ଏହା ଏବେ ୩୦%କୁ ହ୍ରାସ ପାଇଛି । ତେବେ ଏହି ମୃତ୍ୟୁସଂଖ୍ୟାକୁ ଶୂନ୍ୟକୁ ଆଣିବା ପାଇଁ ବିଶେଷ ସଚେତନତାର ଆବଶ୍ୟକତା ରହିଛି ବୋଲି ହୁ ପକ୍ଷରୁ କୁହାଯାଇଛି । ଯେଉଁ କିଶୋରୀ ଝିଅ ଓ ପୁଅମାନେ ଅସୁରକ୍ଷିତ ଯୌନ ସମ୍ପର୍କ ରକ୍ଷା କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଆଶଙ୍କା ବେଶ୍ ବୃଦ୍ଧିପାଇଛି । ଖାଲି ସେତିକି ନୁହେଁ କିଶୋର ଓ କିଶୋରୀମାନେ ସ୍ୱେଚ୍ଛାକୃତ ଭାବେ ଏଚଆଇଭି ଏଡ଼୍‌ସ ପରୀକ୍ଷା ପାଇଁ ଚାହୁଁଥିଲେ ମଧ୍ୟ ସମାଜରେ ଏନେଇ ପ୍ରତିକୂଳ ଧାରଣା ସୃଷ୍ଟି ହେବାର ଆଶଙ୍କା କାରଣରୁ ସେମାନେ ପରୀକ୍ଷାର କରିପାରୁନାହାନ୍ତି । ତେଣୁ ନିଦାନ ଓ ଔଷଧ ସେବନ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି ବୋଲି ୟୁନିସେଫ୍ ପ୍ରକାଶ କରିଛି । ସେହିପରି ଡ୍ରଗ୍ ବ୍ୟବହାରକାରୀମାନେ ଅଶୋଧିତ ଛୁଞ୍ଚିରେ ସାଙ୍ଗମାନଙ୍କ ମଧ୍ୟରେ ନିଶା ସେବନ କରୁଥିବାରୁ ଏଡ଼୍‌ସର ଆଶଙ୍କା ବହୁଗୁଣା ବୃଦ୍ଧି ପାଇଛି । ଏହାକୁ ଆଖିଆଗରେ ରଖି ଚଳିତ ବର୍ଷ କିଶୋରମାନଙ୍କୁ ଅଧିକରୁ ଅଧିକ ସଚେତନତା କରିବା ଦିଗରେ ହୁ, ନାକୋ ସମେତ ଓସାକ୍ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି । ବିଶ୍ୱ ଏଡ଼୍‌ସ୍ ଦିବସ ଅବସରରେ ସମସ୍ତଙ୍କ ଭିତରେ ଏଡ଼୍‌ସ୍ ପରି ଭୟାନକ ରାକ୍ଷାସ ବିରୁଦ୍ଧରେ ମିଳିତ ଭାବେ ସଂଗ୍ରାମ କରିବା ପାଇଁ ବଜ୍ର ଶପଥର ସଂକଳ୍ପ ଦିବସ ହେଉ ।

ତେବେ ବଡ଼ଖୁସିର କଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଏଡ଼୍‌ସ୍‌ର ମୁକାବିଲା ପାଇଁ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିନା ସରକାରୀ ସହାୟତା ବା କୌଣସି ସଂଗଠନର ସାହାଯ୍ୟ ନନେଇ ବିଭିନ୍ନ ଅନୁଷ୍ଠାନ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ହାତକୁ ନେଉଛି । ସମାଜରେ ଭାୟାବହ କୁହାଯାଉଥିବା ଏଡ଼୍‌ସ୍ ଓ ହେପାଟାଇଟିସି ବି ଉଭୟ ସମ ଭାବରେ ସଂକ୍ରମଣ ହୁଅନ୍ତି । ଯାହାଦ୍ୱାରା ବିଶେଷକରି ଦାଦନମାନେ ବାହାର ରାଜ୍ୟକୁ ଯାଉଥିବାରୁ ତଥାକଥିତ ଅଞ୍ଚଳରେ ଦାଦନ ମାନଙ୍କ ଦ୍ୱାରା ଏଡ଼୍‌ସର ସମ୍ଭାବ୍ୟ ଭୟ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଏଡ଼୍‌ସ ସେଲ ମଧ୍ୟ ଗଠନ ହୋଇ ଏଡସ୍ ନିରାକରଣ ତଥା ଏହାକୁ ସଚେତନ ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ସଫଳ ହେଉଛି । ତେବେ ଏହି ଦାୟିତ୍ୱକୁ ଆମ ସମାଜରେ ସମସ୍ତଙ୍କ ଭିତରେ ଏକ ମିଳିତ ଉତ୍ତରଦାୟିତ୍ୱ ଭାବେ ବିଚାର କଲେ ସମାଜରେ ଏଡ଼୍‌ସ୍ ରାକ୍ଷାସର ମୂଳପ୍ରୋଟନ ସମ୍ଭବ ହୋଇପାରିବ ।

ଶିଖରପୁର ଉପରସାହି, କଟକ
ମୋ: ୮୨୮୦୯୬୩୨୮୩

### ବିଶ୍ୱ ଏଡ଼ସ ଦିବସର ଇତିହାସ

*ପ୍ରଥମ କରି ୧୯୮୭ ଅଗଷ୍ଟ ମାସରେ ଥୋମାସ୍ ନେଟର ଏବଂ ଜେମ୍ସ ଡବ୍ଲ୍ୟୁ ବୁନ୍ ବିଶ୍ୱ ଏଡ଼୍‌ସ ଦିବସ ବିଷୟ କଳ୍ପନା କରିଥିଲେ। ଉଭୟ ଜେନେଭା ଓ ସ୍ୱିଜରଲ୍ୟାଣ୍ଡସ୍ଥିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏଡ଼ସ ବିଶ୍ୱ କାର୍ଯ୍ୟକ୍ରମ ପାଇଁ ଲୋକ ସମ୍ପର୍କ ଅଧିକାରୀ ଅଛନ୍ତି। ସେମାନେ ନିଜର ଧାରଣା ଏଡ଼୍‌ସ ବିଶ୍ୱ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଡକ୍ଟର ଜୋନାଥନ୍ ମନ୍‌ଙ୍କୁ ଜଣାଇଥିଲେ। ସେ ଏହାକୁ ସ୍ୱୀକୃତି ଦେଇ ବିଶ୍ୱ ଏଡ଼୍‌ସ ଦିବସ ପାଳନ ପାଇଁ ସୁପାରିଶ କରିଥିଲେ। ୧୯୮୮ ଡିସେମ୍ବର ୧ରୁ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯାଇଆସୁଛି। ସେମାନେ ଭାବିଲେ ଯେ, ଏହାକୁ ଏପରି ସମୟରେ ପାଳନ କରାଯିବା ଉଚିତ ଯେଉଁ ସମୟରେ ବିଶ୍ୱବ୍ୟାପୀ ଗଣମାଧ୍ୟମ ଓ ଜନସାଧାରଣ ଏଥିପ୍ରତି ଆଗ୍ରହ ପ୍ରକାଶ କରିପାରିବେ। ଏଚ୍‌ଆଇଭି/ଏଡ୍ସ ଉପରେ ଜାତିସଂଘ କାର୍ଯ୍ୟକ୍ରମକୁ ୟୁଏନ୍‌ଏଡ୍ସ କୁହାଯାଏ। ୧୯୯୬ରେ ଏହା କାର୍ଯ୍ୟକାରୀ ହେବା ସହିତ ବିଶ୍ୱବ୍ୟାପୀ ପ୍ରସାର ଲାଭ କଲା। ୧୯୯୭ରେ ୟୁଏନ୍‌ଏଡ଼୍‌ସ ଦ୍ୱାରା ବିଶ୍ୱ ଏଡ଼ସ ପ୍ରଚାର ଅଭିଯାନ ଆରମ୍ଭ ହେଲା। ଏଥିପାଇଁ ଏଡ଼ସ କାର୍ଯ୍ୟକ୍ରମ, ଉତ୍ତମ ଯୋଗାଯୋଗ ବ୍ୟବସ୍ଥା, ରୋଗ ନିରାକରଣ ଏବଂ ରୋଗ ସଚେତନତା ଉପରେ ବର୍ଷସାରା ପ୍ରଚାର ଅଭିଯାନ ଚାଲିଲା। ପ୍ରଥମ ବର୍ଷ ବିଶ୍ୱ ଏଡ଼ସ ଦିବସ ସଚେତନତା କେବଳ ଶିଶୁ ଏବଂ ତରୁଣ ବୟସର ଲୋକଙ୍କ ଉପରେ ପ୍ରାଧାନ୍ୟ ଦେଇ କରାଯାଉଥିଲା। ପରେ ଏହାକୁ ଏକ ପରିବାର ରୋଗ ବୋଲି ବିବେଚନା କରାଗଲା। କାରଣ ସେ କୌଣସି ବୟସର ବ୍ୟକ୍ତି ଏଚ୍‌ଆଇଭି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ୨୦୦୭ ପରଠାରୁ ବିଶ୍ୱ ଏଡସ ଦିବସକୁ ଏଡ଼ସ ରିବନ ସଂକେତ ଦ୍ୱାରା ପ୍ରଦର୍ଶନ କରାଯାଇଆସୁଛି।*

# ଅବିଚାରିତ ଖାଦ୍ୟ ଗ୍ରହଣ ବଡ଼ ବିଷମ ! ଶରୀର ଅସୁସ୍ଥତାର କାରଣ !



## ପ୍ରଦୋଷ କୁମାର ଦାସ

ପରିବର୍ତ୍ତିତ ସାମାଜିକ ଜୀବନ ଶୈଳୀ ଓ ଆଧୁନିକତାର ବଶବର୍ତ୍ତୀ ହୋଇ ମଣିଷ ଆଜିକାଲି ତାର ଜୀବଦ୍ଦଶାରେ ସତେ ଯେମିତି ବଞ୍ଚିବା ପାଇଁ ଖାଉନାହିଁ, ବରଂ ଲୋଭୀ ମଣିଷ ଖାଇବା ପାଇଁ ବଞ୍ଚିରହିଛି। ଏଥିରେ ସେ ଆପଣା ପରବର୍ତ୍ତୀ ଜୀବନକୁ ହରବର/ କଲ୍‌ବଲ କରିବାରେ ଲାଗିଛି। ଏଥିରେ ପ୍ରଭାବିତ ଦୁଃଖି ସାରା ପରିବାରଙ୍କୁ ମଧ୍ୟ ହନ୍ତସନ୍ତ ହେବାକୁ ପଡୁଛି।

ବଜାରରେ ଚଟପଟି ଖାଦ୍ୟ, ତତ୍କାଳ ପ୍ରସ୍ତୁତ କରିବା ଭଳି ଇନଷ୍ଟାଣ୍ଟ ଫୁଡ୍ସ ସମେତ ଅନ ଲାଇନରେ ମଗାଇ ଖିଆ ଯାଉଥିବା ଖାଦ୍ୟ ଦ୍ରବ୍ୟ ଶରୀର ପାଇଁ କ୍ଷତିକାରକ। ଭୋଜି ଭାତ ଆସରରେ ସମୟ ଅସମୟରେ ଖିଆପିଆ ଓ ମାଦକ ଦ୍ରବ୍ୟ ସେବନ ବେପରୁଆ ମଣିଷକୁ କ୍ରମେ ଅସୁସ୍ଥ କରିଚାଲିଛି।

ଆଜି କାଲି ପ୍ରାୟ ସବୁଦିନ ବିଭିନ୍ନ ଉତ୍ସବ ଅନୁଷ୍ଠାନ, ବିବାହ ବ୍ରତ, ଜନ୍ମ ଦିନ ପାଳନ ଅବସରରେ ରାଜକୀୟ ଭୋଜି ଭାତର ଆସର ଚାଲିଥିବା କହିଲେ ନସରେ। ଏଥିରେ ଆମିଷ ନିରାମିଷରେ ନାନା କିସମର ଭୋଜି ପ୍ରସ୍ତୁତ କରି ଲୋକଙ୍କୁ ଆମନ୍ତ୍ରିତ କରାଯାଇ ଆପ୍ୟାୟିତ କରାଯାଇଥାଏ। ମଲା ମୃତ୍ତିକା ରେ ବାହା ଭୋଜି ଭଳି ବ୍ୟବସ୍ଥା ରହୁଛି। ଏଥିରେ ବହୁ କ୍ଷେତ୍ରରେ ବସି ଖାଇବା ଯୁଗ ଆଉ ମଧ୍ୟ ନାହିଁ କହିଲେ ଚଳେ।

ଆଗରୁ ଭୋଜି ଭାତ ଅବସରରେ ସାଦା ଭାତ ଡାଲି ଖିରିକୁ ଛାଡି ଅତି ବେଶୀରେ ସାଦାସିଧା ରୋଷେଇରେ ପୂର୍ବରୁ ୪/୫ ଟା ବ୍ୟଞ୍ଜନ ପ୍ରସ୍ତୁତ ହୋଇ ବାଣ୍ଟଣ ଆମନ୍ତ୍ରିତଙ୍କ ଖଲିପତରରେ ପଡୁଥିଲା। ହେଲେ ଏବେ ଆଧୁନିକତାର ସ୍ପର୍ଶରେ ଆପଣା ଆପଣା ପ୍ରତିପତ୍ତି ବଳରେ ସସ୍ୱଖ୍ୟାଗରିଷ୍ଠ ଭୋଜି ଆସରର କାର୍ଯ୍ୟଗ୍ରାହୀ ବଫେରେ ଭଳି ଭଳି ପାଟି ସୁଆଦିଆ ଖାଦ୍ୟ ପରଷିଦେବାରେ ଯେପରି କାର୍ପଣ୍ୟ କରୁନଥିବା ଦେଖାଯାଇଛି। ଠିଆ ଠିଆ ଠେଲାପେଲା ହୋଇ ଏବେ ବହୁ ଜନସମାଗମ ମଧ୍ୟରେ ଭୋଜି ଖାଇବାରେ ମଧ୍ୟ ଲାଜସରମ କରୁନାହାନ୍ତି। ଆଧୁନିକତାର ଦ୍ୱାହି ଦେଇ ଭୋଜି ଆୟୋଜକ ମୁଖ୍ୟ ଖାଦ୍ୟ ପରଷି ଦେବା ପୂର୍ବରୁ ଷ୍ଟାର୍ଟର ନାମରେ ପ୍ରସ୍ତୁତ ବିଭିନ୍ନ ଚାଖଣାକୁ ଏକାଧିକ ଷ୍ଟଲରେ ସଜାଡି ରଖୁଛି। ଯିଏ ଯେତେ ଖାଇପାରିବା ନ୍ୟାୟରେ ଏହି ଭୋଜି ଆସରରେ ରେଡି ଥିବା ଚିକେନ, ମଟନ, ଚିଙ୍ଗୁଡ଼ି, ଅଣ୍ଡା, ପନିର ଆଦି ଭଳି ଭଳି ଚପ୍, ଛଣାଛଣି, ପୋଡ଼ା ମାଂସ ଆଦି ସମେତ ଗୁପଚୁପ, ମସଲା ଚାଟ ସାଙ୍ଗକୁ ଦହିବରା ଆଳୁ ଦମ, ବିଭିନ୍ନ କିସମର ଗରମ ସୁପ ଆଉ ଥଣ୍ଡାପାନୀୟ ଆଦି ପ୍ରାରମ୍ଭିକ ଭକ୍ଷଣ ହୋଇଥାଏ। ଏହାପରେ ମେନ୍ ମେନ୍ୟୁ ଭାତ ରୁଟି, ପୁରୀ ସମେତ ଫ୍ରାଏଡ ରାଇସ , ଛଣା ରୁଟି ପୁରୀ, ପିଠା ତଥା ବିଭିନ୍ନ ପ୍ରକାରର ଆମିଷ ନିରାମିଷ ଖାଦ୍ୟଦ୍ରବ୍ୟ ରୋଷେଇ କୁ ଭୁରି ଭୋଜନରେ ଉଦରସ୍ଥ କରିବାରେ ବାଧକ ନଥାଏ। ଏସବୁ ସହିତ ସାଲାଡ଼, ଖିରି ଓ ଆଇସକ୍ରିମ ଖାଇବା ସହିତ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ପୁଣି କିଛିଲୋକ ପେଟରେ ସ୍ଥାନାଭାବ ସତ୍ତ୍ୱେ ପୂର୍ବବତ୍ ଆଉ କିଛି ଉଦରସ୍ଥ କରିଦେବା ନ୍ୟାୟରେ ପୁଣି ଷ୍ଟାଟର ଆଡ଼କୁ ମୁହାଁଇ ଥାନ୍ତି । ଘରକୁ ଫେରିଲେ ପେଟୁ ମଣିଷଟି ଶରୀର ଅସୁସ୍ଥତା କାରଣରୁ ବସି ଉଠି ପାରେନାହିଁ। ତାର ବଦହଜମ, ପେଟ ମରା, ଗ୍ୟାସ, ରକ୍ତ ଶର୍କରା, ରକ୍ତଚାପ ବୃଦ୍ଧି ସହିତ ଝାଡ଼ାବାନ୍ତିର ଶିକାର ହେବାର ସମ୍ଭାବନା ବଢ଼ିଯାଏ। ଡାକ୍ତର ଖାନାକୁ ବୁହା ହେବା କୁ ପଡ଼ିଥାଏ। ହେଲେ ଚକେ ଗଲେ ବାର ହାତ ଭାବି ଖାଦ୍ୟ ଲୋଭୀ ମଣିଷ ଟି ସେହିପରି ଭୋଜି ଖାଇ ପୁଣି ଆପଣା ସମସ୍ୟାକୁ ଡାକିଆଣେ। ସବୁ ଜାଣିଲେ ମଧ୍ୟ ଏଥିକୁ ପରବାୟ କରୁଛି ବା କିଏ ! ଅତି ଖାଦ୍ୟ ଗ୍ରହଣ ମରଣକୁ ବରଣ ସମାନ ଅଟେ।

ସୁସ୍ଥ ସ୍ୱଚ୍ଛ ପରିବେଶରେ ରୋଷେଇ ଆସର, ଉପଲବ୍ଧ ଖାଦ୍ୟଦ୍ରବ୍ୟର ସୁରକ୍ଷା ପାଇଁ ପରିଷ୍କାର ପରିଚ୍ଛନ୍ନତା ବଜାୟ ରହିବା ଜରୁରୀ। ସର୍ବଦା ସଫା ସୁତରା ବଣ୍ଟନ ପ୍ରକ୍ରିୟା, ସ୍ୱଚ୍ଛ ଜଳ ଯୋଗାଣ ସହିତ ସାଦାସିଧା ଭୋଜି ଆସରକୁ ବିଶେଷ ଧ୍ୟାନ ଦିଆଯିବା ଜରୁରୀ।

ଖାମରେ ପ୍ରଦତ୍ତ ଅର୍ଥ ଅବା ଉପହାର ପ୍ୟାକେଟ ର ଶତଗୁଣା ଫାଇଦା ଉଠାଇବାକୁ ଆମନ୍ତ୍ରିତ ବ୍ୟକ୍ତିଟି ଭୋଜି ଖାଇବାରେ ବେପରୁଆ ହେବା ମଧ୍ୟ ଅନୁଚିତ। ପାଟି ସୁଆଦ ପାଇଁ ଅତ୍ୟଧିକ ତେଲ ଘିଅ, ରାଗମସଲା, ଚାଇନା ସଲ୍ଟ, ବଟର, ବିଭିନ୍ନ ରଙ୍ଗ ପ୍ରୟୋଗ ସହିତ କିସମ କିସମ ମସଲା ପ୍ରସ୍ତୁତ ରୋଷେଇକୁ ବର୍ଜନ କରିବା ଜରୁରୀ। ପ୍ରତି ମାସରେ ଏକାଧିକବାର ଗରିଷ୍ଠ ଭୋଜି ଖାଇବା, ସମୟ ଅସମୟ ମାତ୍ରାଧିକ ଖାଇବା ନିହାତି ପକ୍ଷେ ଶରୀର ଅସୁସ୍ଥତାକୁ ଆମନ୍ତ୍ରଣ କରିଥାଏ। ସଞ୍ଜମତା ଆଚରଣ କରି ଭୋଜି ଭାତ ଆସରରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ଦେହକୁ ସୁହାଇଲା ଭଳି ଗ୍ରହଣ କଲେ ସମସ୍ୟା ସୃଷ୍ଟି ହେବନାହିଁ। ଭୋଜି ଖାଉଥିବା ମଣିଷଟି ବାରମ୍ବାର ବିଭିନ୍ନ ଛଣାଛଣି ଖାଦ୍ୟ ସହିତ ଆମିଷ ନିରାମିଷ ସବୁ ପ୍ରକାର ଖାଦ୍ୟଦ୍ରବ୍ୟର ଭୁରି ଭୋଜନ କରିବା ସହିତ ଖିରି ଖଟା, ଆଇସକ୍ରିମକୁ ଏକାଠି ମିଶାଇ ଉଦରସ୍ଥ କଲେ ପେଟରେ ନିଶ୍ଚୟ ହଜମ ଜନୀତ ସମସ୍ୟା ସୃଷ୍ଟି ହେବ ହିଁ ହେବ। ଏଥି ସହିତ ଶରୀରର ଓଜନ ବୃଦ୍ଧି ସହିତ ଶରୀରରେ ରକ୍ତ ଶର୍କରା, କୋଲଷ୍ଟ୍ରୋଲ ପରିମାଣ ମଧ୍ୟ ବୃଦ୍ଧି ଘଟିି। ସର୍ବଦ ସମୁଚିତ ଉପାୟରେ ଆବଶ୍ୟକ ପରିମାଣରେ ଖାଦ୍ୟ ଗ୍ରହଣ କଲେ ଯାଇ ମଣିଷଟି ସୁସ୍ଥ ରହିଥାଏ।

ଏବାବଦରେ ବିଶେଷ ତର୍ଜମା କରି ଆମେ ଆମର ଦୈନନ୍ଦିନ ଜୀବନରେ ଉପଲବ୍ଧ ହେଉଥିବା ଖାଦ୍ୟରାଜୀରେ ଉପଯୁକ୍ତ ଖାଦ୍ୟ ଚୟନ କରି ଏହାକୁ ଗ୍ରହଣ କରିବାରେ ସୁଚିନ୍ତିତ ମନୋବୃତ୍ତି ରଖିବା ନିମନ୍ତେ ଆମ ସମସ୍ତଙ୍କୁ ବେଳହୁଁ ସାବଧାନ ହେବାକୁ ପଡ଼ିବ।

ଆପଣା ଘର ପରିବାର ସାଧାରଣ ରୋଷେଇରେ ଯେଉଁ ମହତ୍ୱ ରହିଛି ତାକୁ ଉଦାର ହୃଦୟରେ ବୁଝିବାର ସମୟ ଆସିଛି। ଆମେ ଆମ ଦୈନନ୍ଦିନ ଜୀବନରେ ଖାଦ୍ୟ ପେୟ ଗ୍ରହଣରେ ଔଚିତ୍ୟତା ବୁଝିବାକୁ ହେବ। ସୁସ୍ଥ ନିରାମୟ ଜୀବନ ହାସଲ ପାଇଁ ଆମକୁ ଖାଦ୍ୟ ଗ୍ରହଣରେ ଆବଶ୍ୟକ ସନ୍ତୁଳନତା ରକ୍ଷା କରିବା ପାଇଁ ଯତ୍ନବାନ ହେବାକୁ ପଡ଼ିବ। ଏହାକୁ ହେୟ ଜ୍ଞାନ କଲେ ଫଳ ବିଷମ ହେବ।

ମାଗଣା ମିଳୁଛି ବୋଲି ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ଯାହା ମିଳୁଛି, ଖାଇନେଲେ କଥା ସରିଲା। ଏହା ପାଚନ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି କରିଥାଏ।

ସବୁ ପରିସ୍ଥିତିରେ ଖାଦ୍ୟ ଗ୍ରହଣ କରିବାରେ ସଞ୍ଜମତା ଆଚରଣ କରି ନିୟମିତ ତଥା ସମୟୋଚିତ ଆପଣା ପସନ୍ଦର ରୋଷେଇ ଘରେ ପ୍ରସ୍ତୁତ କରି ସପରିବାର ଖାଆନ୍ତୁ। ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖି ସୁସ୍ଥ ସୁଖି ଜୀବନ ପାଇଁ ଆମକୁ ଖାଦ୍ୟ ଗ୍ରହଣ କରିବାରେ ସୁଚିନ୍ତିତ ମନୋବୃତ୍ତି ନିରନ୍ତର ରଖିବା ସହ ଅନ୍ୟକୁ ଏଥି ପାଇଁ ଆବଶ୍ୟକ ସଚେତନ କରିବାକୁ ହେବ। ସମାଜର ସୁରକ୍ଷା ପାଇଁ ସମସ୍ତେ ସୁସ୍ଥ ସୁଖି ଜୀବନ ପାଇଁ ବଦ୍ଧ ପରିକର ହେବା ଜରୁରୀ।

ସ୍ତମ୍ଭକାର,ସା/ପୋ:-ନାଟୁଣୀ
ଜିଲ୍ଲା:-ଖୋର୍ଦ୍ଧା,ପିନ:-୭୫୨୦୩୪
ମୋ: ୬୩୭୦୪୯୫୯୪୪




## ଶୀତୁଆ ସକାଳ

### ରମେଶ ଚନ୍ଦ୍ର ନାୟକ



ଶରତ ହେମନ୍ତ ଚାଲିଗଲା ପରେ
ମରତକୁ ଶୀତ ଆସିଲା ଧାଇଁ
ନାନା ପରକାର ଫୁଲର ସମ୍ଭାର
ଚଉଦିଗ ହସେ ରୂପ ସଜେଇ ।

କାଢିଲେ ଜେଜେମା' ସିନ୍ଦୁକ ଭିତରୁ
ରେଜେଇ କମ୍ବଳ କନ୍ଥା ଚାଦର
ସଂଜ ନଇଁଗଲେ ବିଛଣା ଉପରେ
ଘୋଡି ହୋଇ ଶୋଉ କରି ଆଦର ।

ଦେହେ ସୁଇଟର ମୁଣ୍ଡେ ଟୋପି ପିନ୍ଧି
ଇସ୍କୁଲ ଚାଲିଲେ ବାଳକେ ଗଣ
ଶୀତୁଆ ସକାଳେ ପ୍ରାର୍ଥନା ବୋଲିଲେ
ପଡୁଥିଲା ଦେହେ ସୂର୍ଯ୍ୟ କିରଣ ।

କ୍ଷେତେ ଖେଳେ ଦୋଳି ସୁନାର
ଫସଲ
ଚାଷୀ ଭାଇ ବୋଲେ ଆନନ୍ଦେ ଗୀତ
କାକର କୁହୁଡି ଧିରେ ଯାଏ ଉଡି
ସକାଳ କିରଣ ଦେହକୁ ହିତ ।

ନିଆଁ ପାଖେ ବସି ହେଉଥାନ୍ତି ଖୁସି
ପିଲା ଛୁଆ ବୁଢ଼ା ବୁଢ଼ୀ ଅନେକ
ଦାଣ୍ଡ ଅଗଣାରେ ଉଷୁନା ଧାନକୁ
ବୁଢୀ ମା' ଖେଳାଏ ଗୋଡ଼ରେ
ଦେଖ।

ଗାଧୁଆ ତୁଠରେ ହୋ'ହାଲ୍ଲା ହୁଏରେ
ଗାଧୋଇବା ବେଳ ହୁଏ ଉଚ୍ଛୁର
ଫୁଙ୍ଗୁଳା ଦେହରେ ପଡିଗଲେ ପାଣି
ଥରି ଉଠିଥାଏ ପୁରା ଶରୀର ।

ବାଡି ବଗିଚାରେ ପରିବା ହସେରେ
ତୋଳିବାକୁ ମାଆ ସକାଳେ ଯାଏ
ଶୀତୁଆ ସକାଳେ ଭ୍ରମଣ କରିଲେ
ଦେହ ମନ ସୁସ୍ଥ ସବଳ ରହେ ।

କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

## ଜୀବନଟା ହୁଏ ଶେଷ ହେ ମଣିମା

### ସୁଶାନ୍ତ କୁମାର ମହାରଣା

ଜଞ୍ଜାଳରେ ଆମେ ଛନ୍ଦି ହୋଇଅଛୁ
ବିଦେଶରେ ପୁଣି ବାସ
ରଙ୍ଗ ରସେ ମଜ୍ଜି ନାଚି ଗାଇବାକୁ
ବେଳ ବା ଅଣ୍ଟୁଛି କିଶ ।

ଧନ, ମାନ ପଛେ ଗୋଡ଼ାଇ
ଗୋଡ଼ାଇ
ଜୀବନଟା ହୁଏ ଶେଷ
ସ୍ୱାର୍ଥପର ଏଇ ଦୁନିଆଁରେ ସବୁ
କାହାକୁ ନାହିଁ ବିଶ୍ୱାସ ।

କାହା ଆଗେ ଯାଇ ପତାଇବି ହାତ
ସବୁଠାରେ ଉପହାସ
ମାନ ବୋଲି କିଛି ନାହିଁ ତ
ମୋଠାରେ
ପୁଣି ମୁଁ ଅଟଇ ନିସ୍ୱ ।

ବଢିଲା ନଈରେ କୁଟା ଖିଅ ପରି
ଭାସି ମୁଁ ଯେ ଯାଉଅଛି
ଜୀବନର ଗତି କେଉଁଆଡେ ଯାଏ
ପାରେନା ଜମାରୁ ବୁଝି ।

କେବେ କେଉଁଆଡୁ ବିପଦ ମାଡ଼ିବ
ଭାବି ହୁଅଇ କାତର
ଭାଗ୍ୟକୁ ମୁଁ ନିନ୍ଦି କରମରେ ଧନ୍ଦି
କାଳ କାଟେ ନିରନ୍ତର ।

ହେ ବିଧାତା ତୁମେ ଏଡେ କି ଦାରୁଣ
ତୁମ୍ଭେ କି ନ ଜାଣ କିଶ ?
ତୁମ୍ଭେ ସର୍ବେଶ୍ୱର ଆହେ ଜଗନ୍ନାଥ
ମୁହିଁ ଅଟେ ପରା ନିସ୍ୱ ।

ଜଞ୍ଜାଳ ବୋଝକୁ ମୁଣ୍ଡାଇ ମୁଣ୍ଡରେ
ଯୁଝେ ମୁଁ ଜୀବନ ଯୁଦ୍ଧ
ହାର ଜିତ୍ କିଛି ଜାଣି ବି ପାରେନା
ଜୀବନ ଟା ହୁଏ ଶେଷ
ହେ ମଣିମା
ଜୀବନଟା ହୁଏ ଶେଷ ।

ଝାଟିପଦର, ପାଲୁରୁ (ଗଞ୍ଜାମ)
ମୋ: ୯୪୩୯୦୨୦୯୪୯

## ପାର୍ବତୀ ଈଶ

### ଗୋପାଳ କୃଷ୍ଣ ଶତପଥୀ

ଉନକୋଟିଶ୍ୱର କରୁଣା ସାଗର
ବିଜେ ଲତାଦେଇପୁର
ପକ୍ଷେ ବଢୁଥାଅ ପକ୍ଷେ ଛିଡୁଥାଅ
ମହାଦେବ ମହେଶ୍ୱର ।

ଜଗତ ଗୋସାଇଁ ଫୁଟାଲିଙ୍ଗହୋଇ
ଗରିଆଗଣ୍ଡର କୂଳେ
ଜନ ପ୍ରବାଦରେ ତବ ମସ୍ତକରେ
କାଳୀ ଗାଈ କ୍ଷୀର ଢାଳେ
ପ୍ରତ୍ୟକ୍ଷ ଠାକୁର ଭକ୍ତଜନଙ୍କର
ମନବାଞ୍ଛା ପୂର୍ଣ୍ଣକର !

ବରଷକେ ଥରେ ଫାଲ୍ଗୁନ ମାସରେ
ଚତୁର୍ଦ୍ଦଶୀ ତିଥି ନିଶି
ରହି ଉଜାଗର ଜଳାଇ ଜାଗର
ନାମ ଜପେ ଭକ୍ତ ବସି
ହେ ପାର୍ବତୀ ଈଶ ଶିବ ଆଶୁତୋଷ
ସର୍ବ ପାପ ତାପ ହର !

ଲତାଦେଇପୁର, ଢେଙ୍କାନାଳ
ମୋ:୯୧୭୮୯୬୧୯୭୭

## ମୋ ପ୍ରିୟ ସହର

### ଡ଼ାଃ ମନୋରଞ୍ଜନ ଦାଶ



ଇଏ ମୋ ଆତ୍ମିକ ସହର
ଅନେକ ଫୁଲ ମୁଁ ତୋଳିଚି ଏଇଠି,
ସହି କଣ୍ଟାର ପରଶ ।
ମୋ ସଂଘର୍ଷର ଉର୍ବର ମାଟି ଇଏ ।

କୃତଜ୍ଞତାର ଆଘାତ ପାଇଲେ ବି
ଉଚ୍ଛ୍ୱସିତ ପ୍ରଶଂସା ମୋର ସଂପତ୍ତି,
ଏଇଠି ।
ଅନେକ ସ୍ମୃତି ହଜିଚି ମୋର,
ସବୁକୁ ସାଇତିଚି ମୋ ଛାତିରେ।

ଛଳନା ମୋତେ ଯନ୍ତ୍ରଣା ଦେଲେ ବି
ମୁଁ ଶିଖୁଚି ଅନେକ କଥା.....
ମାତ୍ରାଧିକ ଭାବପ୍ରବଣତାକୁ ଆୟତ୍ତ
କରିପାରୁନି..
ମୋ ସରଳପଣ ପାଇଁ ଲୁହକୁ ପିଉଚି
ନୀରବରେ ସମ୍ଭାବନାର ଚାଦର
ଘୋଡ଼େଇ ହୋଇ
ଅଦୃଶ୍ୟରେ ଆକାଶରେ
ତାରାମାନଙ୍କ ମେଳରେ ହଜିଯାଇଥିବା
ମୋ ବୋଉକୁ ଖୋଜୁଛି ଓ ଝୁରୁଛି ।

ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି : କେନ୍ଦ୍ରାପଡ଼ା
ମୋ :୯୪୩୭୩୧୭୭୨୨

# ଅଭିନୟ ଛାଡ଼ି ଚାଷ କାମରେ ମନ ଦେଇଥିବା ୟାମିଙ୍କର ଏମିତି ବଦଳିଗଲା ଭାଗ୍ୟ



ୟାମି ଗୌତମ ସେହି ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ, ଯାହାଙ୍କର ଫିଲ୍ମ ଇଣ୍ଡଷ୍ଟ୍ରିରେ କୌଣସି ଗଡଫାଦର ନାହାନ୍ତି। ସେ କଠିନ ପରିଶ୍ରମ ଏବଂ ନିଜର ଆତ୍ମବିଶ୍ୱାସ ଦ୍ୱାରା ହିଁ ଚଳଚ୍ଚିତ୍ର ଜଗତରେ ଏକ ସ୍ଥାନ ସୃଷ୍ଟି କରି ପାରିଛନ୍ତି। ତେବେ ଆରମ୍ଭରୁ କିନ୍ତୁ ତାଙ୍କ ରାସ୍ତା ସହଜ ନଥିଲା। ୟାମି ତାଙ୍କ କ୍ୟାରିୟର ଆରମ୍ଭରେ ଅନେକ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହୋଇଥିଲେ। ଏପରିକି ସେ ନିର୍ଦ୍ଦେଶକଙ୍କୁ ଏକ ପ୍ରଶ୍ନ ପଚାରିବାରୁ ତାଙ୍କୁ ଏକ ଟିଭି ସୋ'ରୁ ବାହାର କରି ଦିଆଯାଇଥିଲା। ତା'ପରେ ଏକ ସମୟ ଆସିଲା ଯେତେବେଳେ ୟାମି ଅଭିନୟ ଛାଡି କୃଷି କ୍ଷେତ୍ରରେ କିଛି କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ତା'ପରେ 'ଉରି: ସର୍ଜିକାଲ୍ ଷ୍ଟ୍ରାଇକ୍' ଏବଂ 'ବାଲା' ଭଳି ଚଳଚ୍ଚିତ୍ର ମୁକ୍ତିଲାଭ କଲା, ଯାହା ୟାମିଙ୍କ କ୍ୟାରିୟରର ଦିଗ ବଦଳାଇ ଦେଲା। ୨୮ ନଭେମ୍ବର, ଅର୍ଥାତ ଆଜି ନିଜର ୩୫ ତମ ଜନ୍ମଦିନ ପାଳନ କରୁଥିବା ୟାମି ଏକ ସାକ୍ଷାତକାରରେ ଏହି ସବୁ କଥା କହିଛନ୍ତି। ଆଜି ବଲିଉଡର ଜଣେ ବରିଷ୍ଠ ତଥା ଦକ୍ଷ ଅଭିନେତ୍ରୀ ୟାମି ତାଙ୍କ କ୍ୟାରିୟରର ସମସ୍ତ ଖରାପ ମୁହୂର୍ତ୍ତ ବିଷୟରେ କହିଥିଲେ। ଯେତେବେଳେ ତାଙ୍କୁ ପ୍ରଶ୍ନ ପଚରାଯିବା ପାଇଁ ତାଙ୍କୁ ଟିଭି ସୋ'ରୁ ବାହାର କରି ଦିଆଯାଇଥିଲା, ସେ ବିଷୟରେ କହି ୟାମି ଭାବପ୍ରବଣ ହୋଇ ଯାଇଥିଲେ। ସେ ଟିଭି ସୋ'ରୁ ହିଁ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ପ୍ରାରମ୍ଭରେ, ତାଙ୍କର ତିନୋଟି ସୋ ଖୁବ୍ କମ୍ ସମୟ ମଧ୍ୟରେ ବନ୍ଦ ହୋଇ ଯାଇଥିଲା। ୟାମି ଟିଭିରେ କାମ କରୁଥିଲେ ସତ, କିନ୍ତୁ ସେ କିଛି ଅଲଗା କରିବାକୁ ଚାହୁଁଥିଲେ। ସେ ପ୍ରତିଦିନ ସମାନ କାମ କରି ଥକି ଯାଇଥିଲେ। ଏଭଳି ପରିସ୍ଥିତିରେ ୟାମି ଗୌତମ ସୁଟିଂରୁ ସମୟ ବାହାର କରି ଫିଲ୍ମ ପାଇଁ ଅଡିସନ ଦେବା ଆରମ୍ଭ କରିଥିଲେ। କିନ୍ତୁ ବହୁ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହୋଇଥିଲେ। ଥରେ ଏକ ଟିଭି ସୋ' ପାଇ ଅଭିନେତ୍ରୀ ଖୁବ୍ ଖୁସି ହୋଇଥିଲେ। କିନ୍ତୁ ୟାମି ଏହି ଟିଭି ସୋ'ର ଏକ ଦୃଶ୍ୟ ବିଷୟରେ ପ୍ରଶ୍ନ ଉଠାଇଥିଲେ। ତା'ପରେ ତାଙ୍କୁ ସେହି ସୋ'ରୁ ବାହାର କରି ଦିଆଯାଇଥିଲା।

# ହୃତିକ ରୋଶନଙ୍କ ପ୍ରେମିକା ସବାଙ୍କୁ ଶାଢ଼ିରେ ଦେଖି ବଢ଼ିଲା ଉତ୍ସୁକତା: ବିବାହକୁ ନେଇ ପ୍ରଶ୍ନ କଲେ ପ୍ରଶଂସକ



ପ୍ରଥମ ପତ୍ନୀ ସୁଜାନେଙ୍କଠାରୁ ଅଲଗା ହେବା ପରେ ଏବେ ବଲିଉଡ ଅଭିନେତା ହ୍ରିତିକ ରୋଶନ ଅଭିନେତ୍ରୀ ସବା ଆଜାଦଙ୍କୁ ଡେଟ୍ କରୁଥିବା କଥା ଆପଣ ଜାଣିଥିବେ ନିଶ୍ଚୟ। ସେମାନେ ନିଜ ସଂପର୍କକୁ ଆହୁରି ପାଦେ ଆଗକୁ ଆଗେଇ ନେବାକୁ ଚିନ୍ତା କରିବା କଥା ଅତୀତରେ ଚର୍ଚ୍ଚା ହେଉଥିଲା। ହ୍ରିତିକଙ୍କ ପ୍ରେମିକା ସବାଙ୍କୁ ଶାଢ଼ିରେ ଦେଖିବା ପରେ ସୋସିଆଲ୍ ମିଡିଆ ବ୍ୟବହାରକାରୀଙ୍କ ମନରେ ଏବେ ଉତ୍ସୁକତା ବୃଦ୍ଧି ପାଇଛି। ବିବାହ କରିଦେଲେ କି ? ବୋଲି କେହି କେହି ସୋସିଆଲ୍ ମିଡିଆ ବ୍ୟବହାରକାରୀ ପ୍ରଶ୍ନ ବି କରିଛନ୍ତି। ଆପଣ ଜାଣନ୍ତି ଯେ ଏହି ଯୋଡ଼ିଙ୍କୁ ପ୍ରଶଂସକମାନେ ଖୁବ୍ ଭଲପାଇବା ଦେଇ ଆସୁଛନ୍ତି। ପ୍ରଶଂସକମାନେ ଚାହାନ୍ତି ଯେ ସେ ଦୁହେଁ ବିବାହ କରନ୍ତୁ ବୋଲି। ସେମାନେ ଯେବେ ବି କିଛି ଫଟୋ ପୋଷ୍ଟ୍ କରନ୍ତି, ପ୍ରଶଂସକମାନେ ଏପରି ହିଁ କିଛି କମେଣ୍ଟ୍ କରନ୍ତି। ନିକଟରେ ସବା ସୋସିଆଲ୍ ମିଡିଆରେ ଏକ ଫଟୋ ପୋଷ୍ଟ୍ କରିଛନ୍ତି। ଫଟୋରେ ସେ ବାଇଗଣୀ ରଂଗର ଏକ ଶାଢ଼ି ସହ ନାଲି ରଂଗର ବ୍ଲାଉଜ୍ ପିନ୍ଧିଛନ୍ତି। ତାହା ସହିତ ସେ ବଡ଼ କାନଫୁଲ୍ ପିନ୍ଧି ନିଜ ଲୁକ୍‌କୁ ପୂରା କରିଛନ୍ତି। ଫଟୋ କ୍ୟାପ୍ସନରେ ସେ ଏହି ଫଟୋଟି ହ୍ରିତିକ୍ ଉଠାଇଛନ୍ତି ବୋଲି ନିଶ୍ଚିତ ବି କରିଛନ୍ତି। ତାଙ୍କର ଏହି ପୋଷ୍ଟ୍‌ରେ ଏବେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ସବାଙ୍କୁ ଦେଶୀ ଲୁକ୍‌ରେ ଦେଖି ପ୍ରଶଂସକ ଖୁବ୍ ଖୁସି ହୋଇଥିବା ବେଳେ 'ବିବାହ କରିଦଲେ କି' ବୋଲି ପ୍ରଶ୍ନ ପଚାରିଛନ୍ତି।

# ଉତ୍ତରକାଶୀ ଟନେଲ ଦୁର୍ଘଟଣାକୁ ନେଇ ଫିଲ୍ମ ନିର୍ମାଣ କରିବେ ଅକ୍ଷୟ କୁମାର



ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ଟନେଲ ଦୁର୍ଘଟଣାରେ ଫସି ରହିଥିବା ଶ୍ରମିକଙ୍କୁ ବାହାରକୁ ଅଣାଯାଇଛି। ୧୭ଦିନ ଧରି ଚାଲିଥିବା ଖନନ କାର୍ଯ୍ୟ ଆଜି ଶେଷ ହେବା ପରେ ଏବେ ଶ୍ରମିକମାନଙ୍କୁ ବାହାରକୁ ବାହାର କରାଯାଇଛି। ଗତ ୧୭ଦିନ ଧରି ଟନେଲ ଭିତରେ ସେମାନେ ଫସି ରହିଥିଲେ। ଉଦ୍ଧାର କାମ ଚାଲିଥିବା ବେଳେ ଏହି ଘଟଣାକୁ ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଲାଣି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ପୋଷ୍ଟରେ ଏଭଳି ଦାବି କରାଯାଇଛି। ସୋସିଆଲ ମିଡିଆ ପୋଷ୍ଟ ଅନୁଯାୟୀ ଅକ୍ଷୟ କୁମାର ଉତ୍ତରକାଶୀ ଟନେଲ ଦୁର୍ଘଟଣା ଓ ଉଦ୍ଧାର କାର୍ଯ୍ୟକୁ ନେଇ ଏକ ଫିଲ୍ମ ନିର୍ମାଣ କରିବେ। ଏହି ଚଳଚ୍ଚିତ୍ରରେ ସେ ଟନେଲ୍ ବିଶେଷଜ୍ଞ ଆର୍ନୋଲ୍ଡ ଡିକ୍ସଙ୍କ ଭୂମିକାରେ ଅଭିନୟ କରିବେ। ତେବେ ଅକ୍ଷୟ କୁମାର ଏଭଳି ଚର୍ଚ୍ଚା ଉପରେ ଏପର୍ଯ୍ୟନ୍ତ କେ?ଣସି ପ୍ରତିକ୍ରିୟା ଦେଇନାହାନ୍ତି। ଉଲ୍ଲେଖଯୋଗ୍ୟ, ନଭେମ୍ବର ୧୨ରେ ଶ୍ରମିକମାନେ ସବୁଦିନ ଭଳି ଟନେଲ ଭିତରକୁ କାମ କରିବା ପାଇଁ ଯାଇଥିଲେ। ସକାଳ୫ଟା ୩୦ରେ ହଠାତ୍ ଭୂସ୍ଖଳନ ଆରମ୍ଭ ହେବାରୁ ଅନେକ ଶ୍ରମିକ ବାହାରକୁ ଚାଲିଆସିଥିଲେ। ହେଲେ ହଠାତ୍ ନିର୍ମାଣାଧୀନ ଟନେଲର ୬୦ମିଟର ଅଂଶ ଧସିବାରୁ ୪୧ଜଣ ଶ୍ରମିକ ଟନେଲ ଭିତରେ ଫସି ଯାଇଥିଲେ। ଏହାପରଠାରୁ ଉତ୍ତରାଖଣ୍ଡ ସରକାର, କେନ୍ଦ୍ର ସରକାର ଓ ଉଦ୍ଧାରକାରୀ ଟିମ୍ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖି ୧୭ଦିନ ପରେ ୪୧ଜଣ ଶ୍ରମିକଙ୍କୁ ସୁଡ଼ଙ୍ଗ ବାହାରକୁ ଆଣିବାରେ ସଫଳ ହୋଇଛନ୍ତି।

# ତ୍ରିଶାଙ୍କୁ କ୍ଷମା ମାଗିଥିଲେ, ଏବେ ମାନହାନୀ ମକଦ୍ଦମା କରିବି ବୋଲି କହିଲେ ମନସୁର



କ୍ଷମା ମାଗିବା ପରେ ମାନହାନୀ ମକଦ୍ଦମା କରିବା କଥା କହିଲେ ମନସୁର। ଗିରଫ ଡରରେ କିଛି ଦିନ ତଳେ ସାଉଥ ଷ୍ଟାର ତ୍ରିଶା କ୍ରିଷ୍ଣନନଙ୍କୁ କ୍ଷମା ମାଗି ?ଥିଲେ ଅଭିନେତା ମନସୁର ଅଲି ଖାନ୍। ତ୍ରିଶାଙ୍କୁ ନେଇ ଦେଇଥିବା ମନ୍ତବ୍ୟ ପାଇଁ ଏତଲା ରୁଜୁ ହେବା ସହ ପୁଲିସ ପଚରାଉଚରା କରିବାକୁ ସମନ ପଠାଇବାରୁ ଅଭିନେତା ଫେରାର ହୋଇଯାଇଥିବା ଚର୍ଚ୍ଚା ହୋଇଥିଲା। ଏହା ସହ ମନସୁର କ୍ଷମା ମାଗିବେ ନାହିଁ ବୋଲି କହିଥିଲେ। ହେଲେ ପରେ କ୍ଷମା ମାଗି ମନସୁର ଅଲି ଖାନ କହିଥିଲେ, 'ଫିଲ୍ମ ଇଣ୍ଡଷ୍ଟ୍ରିରେ ଥିବା ମୋର ସହକଳାକାର ତ୍ରିଶା, ଦୟାକରି ମୋତେ କ୍ଷମା କରନ୍ତୁ। ମୁଁ ଆଶା କରୁଛି ଯେ ତୁମ ବିବାହରେ ତୁମକୁ ଆଶୀର୍ବାଦ ଦେବା ପାଇଁ ଭଗବାନ ମୋତେ ଦିନେ ସୁଯୋଗ ଦେବେ।' ଏଭଳି କହିବା ପରେ ଏବେ ମନସୁର ତ୍ରିଶାଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିବେ ବୋଲି କହିଛନ୍ତି। ତାଙ୍କ କହିବ ମୁତାବକ, "ଆମେ ଆଜି ମାନହାନି ମକଦ୍ଦମା ଦାୟର କରୁଛୁ। ଏଥିପାଇଁ ଆମେ ସମସ୍ତ ଡକ୍ୟୁମେଣ୍ଟ୍ ପ୍ରସ୍ତୁତ କରିଛୁ। ମୋର ଓକିଲ ସମସ୍ତ ସୂଚନା ସେୟାର କରିବେ।" କ୍ଷମା ମାଗିବା ବିଷୟରେ ପଚାରିବାରୁ ମନସୁର ଖାନ କହିଛନ୍ତି, "ଏହା ସବୁଠାରୁ ବଡ ହାସ୍ୟାସ୍ପଦ କଥା"। ଉଲ୍ଲେଖଯୋଗ୍ୟ, ସାମ୍ବାଦିକ ସମ୍ମିଳନୀ କରି ମନସୁର କିଛି ଦିନ ତଳେ କହିଥିଲେ ଯେ, "ଯେତେବେଳେ ମୁଁ ଶୁଣିଲି ଯେ 'ଲିଓ'ରେ ତ୍ରିଶା ମଧ୍ୟ ଅଛନ୍ତି ସେତେବେଳେ ମୁଁ ଭାବିଥିଲି ଫିଲ୍ମରେ ମୋର ଦୁଷ୍କର୍ମ ଦୃଶ୍ୟ ରହିବ। ମୁଁ ଭାବିଥିଲି ମୁଁ ତାଙ୍କୁ ଟେକି ଶୋଇବା ଘରକୁ ନେଇଯିବି ଯେପରି ମୁଁ ମୋର ପୂର୍ବ ସିନେମାରେ ଅନ୍ୟ ଅଭିନେତ୍ରୀମାନଙ୍କ ସହିତ କରିଥିଲି। ମୁଁ ବହୁତ ଦୁଷ୍କର୍ମ ଦୃଶ୍ୟ କରିସାରିଛି ଏବଂ ଏହା ମୋ ପାଇଁ ନୂଆ ନୁହେଁ। କିନ୍ତୁ 'ଲିଓ'ର ସୁଟିଂ ସମୟରେ ମୋତେ ତ୍ରିଶାଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଲାନି।"

# ଟି-ସିରିଜ ମାଲିକ ଭୂଷଣ କୁମାରଙ୍କୁ ଆଶ୍ୱସ୍ତି: ଦୁଷ୍କର୍ମ ମାମଲା ଖାରଜ

ଟି-ସିରିଜ ମାଲିକ ଭୂଷଣ କୁମାରଙ୍କୁ ମିଳିଲା ବଡ଼ ଅଶ୍ୱସ୍ତି। ଖାରଜ ହେଲା ତାଙ୍କ ବିରୋଧରେ ରୁଜୁ ହୋଇଥିବା ଦୁଷ୍କର୍ମ ଓ ଠକେଇ ମାମଲା। ମୁମ୍ବାଇର ଏକ ମାଜିଷ୍ଟ୍ରେଟ୍ କୋର୍ଟ ଆଜି ମୁମ୍ବାଇ ପୁଲିସର 'ବି-ସମରି' ରିପୋର୍ଟକୁ ଗ୍ରହଣ କରି ଏହାକୁ ଖାରଜ କରିଛନ୍ତି। ନଭେମ୍ବର ୯ ତାରିଖରେ ଅନ୍ଧେରୀ ମାଜିଷ୍ଟ୍ରେଟ୍ କୋର୍ଟ ମୁମ୍ବାଇ ପୁଲିସର 'ବି ସମରି ରିପୋର୍ଟ'କୁ ଗ୍ରହଣ କରିଥିଲେ। ଏହି ରିପୋର୍ଟରେ ପୁଲିସ ଭୂଷଣ କୁମାରଙ୍କ ନାଁରେ ଦାଏର କରାଯାଇଥିବା 'ଏଫ୍ଆଇଆର' ବନ୍ଦ କରିବାକୁ ଅଦାଲତଙ୍କ ଅନୁମତି ଲୋଡ଼ିଥିଲା। ଆଜି ଏହାକୁ କୋର୍ଟ ଅନୁମତି ଦେଇଛନ୍ତି। ଫଳରେ ଭୂଷଣ କୁମାରଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ଏଫଆଇଆର ଖାରଜ ହୋଇଯାଇଛି। ୨୦୨୧ ଜୁଲାଇ ମାସରେ କମ୍ପାନୀର କେତେକ ପ୍ରୋଜେକ୍ଟରେ କାମ ଦେବା ବାହାନାରେ ଭୂଷଣ କୁମାର ଜଣେ ମହିଳାଙ୍କ ସହିତ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। କେବଳ ସେତିକି ନୁହେଁ ତାଙ୍କ ନାଁ ଠିକେଇ ଅଭିଯୋଗ ମଧ୍ୟ ଆସିଲା। ଏନେଇ ଡିଏନ୍ ନଗର ଥାନା ପୁଲିସ ଟି-ସିରିଜ ମାଲିକଙ୍କ ନାଁରେ ଏଫ୍ଆଇଆର ରୁଜୁ କରିଥିଲା। ତଦନ୍ତ କରିବା ପରେ ୨୦୨୨ରେ ପୁଲିସ 'ବି- ସମରି' ରିପୋର୍ଟ ଦାଏର କରିଥିଲା। କିନ୍ତୁ, ପୀଡିତାଙ୍କ ଅଭିଯୋଗ ଆଧାରରେ ଅନ୍ଧେରୀ ମାଜିଷ୍ଟ୍ରେଟ୍ କୋର୍ଟ ଏହାହାକୁ ଖାରଜ କରିଥିଲେ। କିନ୍ତୁ, ପରେ ପୀଡିତା କହିଥିଲେ ଯେ, ପାରିପାର୍ଶ୍ୱିକ ଭୁଲ୍ ବୁଝାମଣା ଯୋଗୁଁ ସେ ଭୂଷଣ କୁମାରଙ୍କ ନାଁରେ ଅଭିଯୋଗ କରିଥିଲେ। ଏହାପରେ ସେ ମାମଲା ପ୍ରତ୍ୟାହାର କରିନେବେ ବୋଲି କହିଥିଲେ। 'ବି- ସମରି' ରିପୋର୍ଟ ଉପରେ ମଧ୍ୟ ତାଙ୍କର କୌଣସି ଆପତ୍ତି ନାହିଁ ବୋଲି ସେ କହିଥିଲେ। ଏହାପରେ ପୁଣି ୨୦୨୩ରେ ପୁଲିସ 'ବି- ସମରି' ରିପୋର୍ଟ ଦାଖଲ କରିଥିଲା। ଏହାକୁ ଅଦାଲତ ଏବେ ଗ୍ରହଣ କରିନେଇଥିବା ସୂଚନା ମିଳିଛି।

# ଯାତ୍ରା ଜଗତର ସଫଳ ନାଟକ ଓ ନାଟ୍ୟକାର

ଯାତ୍ରା ଜଗତରେ ଅନେକ ନାଟକର ଲୋକପ୍ରିୟତା ରହିଛି । ଦୀର୍ଘ ବର୍ଷ ପୂର୍ବରୁ ଆମର ଅପେରା ଜଗତରେ ପୌରାଣିକ, କାଳ୍ପନିକ, ଐତିହାସିକ ନାଟକ ମଞ୍ଚସ୍ଥ ହେଉଥିଲା । ବର୍ତମାନ ସାମାଜିକ ନାଟକ ମଞ୍ଚସ୍ଥ ହେଉଛି । ଅତୀତରେ ବରିଷ୍ଠ ନାଟ୍ୟକାର ରଘୁନାଥ ପଣ୍ଡା, ଶ୍ୟାମ ସୁନ୍ଦର ମହାପାତ୍ର, କୃଷ୍ଣ ପ୍ରସାଦ ବେହେରା, ଯଦୁମଣି କାନୁନଗୋ, ଆର୍ତ୍ତବନ୍ଧୁ ରାଉତରାୟ, ଡ଼କ୍ଟର ରମେଶ ପାଣିଗ୍ରାହୀ, ଇଂ କିଶୋର ମହାପାତ୍ର, ଗୋଲକ ମହାରଣା,ଉମାକାନ୍ତ ବେହେରା, ଅନନ୍ତ ଓଝା, ଅରୁଣ ବାରିକ,ସୁକାନ୍ତ ଦାସ, ପୁରୁଷୋତ୍ତମ ବେହେରା, ଡ଼କ୍ଟର କୈଳାସ ମଲିକ, ହୃଷିକେଶ ଷଡ଼ଙ୍ଗୀ, ଚିନ୍ମୟ ଦାସ,ବ୍ରଜ ନାୟକ, ରବୀନ୍ଦ୍ର ସାହୁ, ମୁକ୍ତିକାନ୍ତ ନାୟକ, ସୁରେନ୍ଦ୍ର ମହାନ୍ତି, ବଂକିମ ସ୍ୱାଇଁ,ପ୍ରଦୀପ ବେହେରା ପ୍ରଭୃତି ଅନେକ ନାଟ୍ୟକାର ଖୁବ ସୁନ୍ଦର ନାଟକ ରଚନା କରି ସୁନାମ ଅର୍ଜନ କରିଛନ୍ତି । ଦୁଃଖ ନଦୀର ତୀରେ, ଛତ୍ରପତି ଶିବାଜୀ, କାହ୍ନୁ, ଶେଷ ପାନିପଥ, ରୋହିଲା ନବାବ,ଖଇ କଉଡ଼ି, କଂସା କବାଟ, ଶଙ୍ଖା ସିନ୍ଦୁର, ଏ ଲୁହ ପୋଛିବ କିଏ, ଦେଢ଼ ଦିନର ସ୍ୱାମୀ, ଶ୍ରୀକୃଷ୍ଣ ଆସୁଛନ୍ତି, ଜଗା ହଜିଗଲା ବଡ଼ ଦାଣ୍ଡରେ, ଠାକୁର ଅଛନ୍ତି ଚଉ ବାହାକୁ, ମରମୀ ବଧୂ, ଦସ୍ୟୁ ନାୟିକା ଫୁଲନ ଦେବୀ, ଛବି ରାଣୀ ହତ୍ୟା କାଣ୍ଡ, ରାଙ୍ଗା ବିଲା, ମୃତ୍ୟୁ ପରେ ଶବ କହୁଛି କଥା, ଫାଶୀ ପୂର୍ବରୁ ଥରେ, ଅଦାଲତ, କହିବିନି ମାଡ଼ ଖାଇବିନି, ପାଣିରେ କୁମ୍ଭୀର କୂଳରେ ବାଘ, ଦଦରା ନାଆରେ ଛୋଟା ନାଉରୀ, ବଡ଼ ଘର ବଡ଼ ଗୁମର କଥା, ଖଜୁରୀ ଗଛର କିଗୁଣ ଗାଇବି, ବାପର ଚୌକା ପୁଅର ଛକା, ସାଧୁ ସାବଧାନ, କନିଆଁ ହଜିଛି ତମ ଗାଁରେ, କୁନିମିଶ୍ର କଟକ ଯାଇଛି, ଈଶ୍ୱରଙ୍କ ଶବ ମୁଁ ଦେଖିଛି, ବଇନା ଦେଇଛି ବାହା ହବାକୁ, ଅସୁର ମାନଙ୍କ ସହର, ବାଇଶି ପାହାଚେ ଖେଳୁଛି ମୀନ, ବାଘ କାନ୍ଦୁଚି, ଜିଅନ୍ତା ଶବ, ମୋ ପେଁକାଳୀ ବଜେଇ ଦେ, କାଗଜ ଡ଼ଙ୍ଗା, କଉଡ଼ି ଖେଳ, ଶାଗୁଣା ବସିଛି ଡେଣା ମେଲେଇ, ଯେପକ୍ଷୀ ଉଡେ ଯେତେ ଦୂର, ସୁର ସାରଙ୍କ ସାନ ଝିଅ, ରାତି ନଅରୁ ସକାଳ ଛଅ, ଅନେକ ରାତିର କାହାଣୀ, ମିଛ ସବାରୀରେ ସତ କୋକେଇ, ଭିନ୍ନ ଏକ ରାମାୟଣ ଅନ୍ୟ ଏକ ସୀତା ପ୍ରଭୃତି ଅନେକ ସଫଳ ନାଟକ ଯାତ୍ରା ଜଗତରେ ଖୁବ ଚହଳ ସୃଷ୍ଟି କରିଛି ।


ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ,
ବାସୁଦେବପୁର, ଭଦ୍ରକ,
ମୋ:୯୯୩୭୯୭୬୩୫୧


# ଲିନ୍‌ଙ୍କ ହାତ ଧରିଲେ ରଣଦୀପ: ମଣିପୁରୀ ରୀତିନୀତିରେ ହେଲା ବିବାହ



ବିବାହ ବନ୍ଧନରେ ବାନ୍ଧି ହେଲେ ବଲିଉଡର ଭର୍ସଟାଇଲ ଆକ୍ଟର ରଣଦୀପ ହୁଦା। ଲଙ୍ଗ ଟାଇମ୍ ଗର୍ଲଫ୍ରେଣ୍ଡ ଲିନ୍ ଲେସରାମଙ୍କ ହାତ ଧରିଛନ୍ତି ରଣଦୀପ। ଇମ୍ଫାଲର ଏକ ରିସର୍ଟରେ ସମ୍ପୂର୍ଣ୍ଣ ମୈତେଇ ରୀତିନୀତିରେ ହୋଇଛି ଏହି ବିବାହ। ଉଭୟଙ୍କ ବିବାହ ବେଳର ଫଟୋ ଓ ଭିଡିଓ ଏବେ ସୋଶାଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ନିଜ ବିବାହରେ ରଣଦୀପ ଧୋତି ଏବଂ ଧଳା କୁର୍ତ୍ତା ପିନ୍ଧିଥିବା ବେଳେ ମଣିପୁରୀ ପୋଷାକରେ ବେଶ୍ ସୁନ୍ଦର ଲାଗୁଥିଲେ ପତ୍ନୀ ଲିନ୍। ବିବାହ ଉତ୍ସବରେ କେବଳ ଉଭୟଙ୍କ ପରିବାର ଓ ସମ୍ପର୍କୀୟ ଯୋଗ ଦେଇଥିଲ। ମାତ୍ର ଏଥିରେ ବଲିଉଡର କାହାକୁ ବି ଦେଖିବାକୁ ମିଳିନାହିଁ। ଏହି ବିବାହରେ ମଣିପୁର ଝଲକ ଦେଖିବାକୁ ମିଳିଥିଲା। ଉଭୟଙ୍କ ବରମାଳା ଦୃଶ୍ୟ ଅନ୍ୟ ବିବାହଠୁ ବେଶ୍ ଅଲଗା ଥିଲା। ବରମାଳା ସମୟରେ ରଣଦୀପ ବସିଥିବା ବେଳେ ଲିନ୍ ଛିଡ଼ା ହୋଇ ତାଙ୍କ ବେକରେ ବରଣମାଳା ପିନ୍ଧାଇଥିଲେ। ଏହାପରେ ରଣଦୀପ ଲୀନ୍‌ଙ୍କ ବେକରେ ବରଣମାଳା ପିନ୍ଧାଇଥିଲେ। ଏହାପରେ ବିବାହର ରୀତିନୀତି ଆଗକୁ ବଢ଼ିଥିଲା। ମଣିପୁରରେ ପାରିବାରିକ ଉତ୍ସବରେ ବିବାହ ପରେ ମୁମ୍ବାଇରେ ସେମାନଙ୍କ ଗ୍ରାଣ୍ଡ ରିସେପସନ୍ ହେବ ବୋଲି ରଣଦୀପ କହିଛନ୍ତି।

# ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡିକ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ସହ ଠିକ ସମୟରେ ପ୍ରକଳ୍ପ ସମାପ୍ତି ରିପୋର୍ଟ ପ୍ରଦାନ କରିବା ପାଇଁ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଅପରାହ୍ନରେ ଲୋକସେବା ଭବନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ଓସ୍ୱାନ ହଲରେ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ଏଥିରେ ଅଧକ୍ଷତା କରି କହିଲେ ଯେ ବିଭାଗର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ହେବା ଆବଶ୍ୟକ । ଏହି ଆଧାରରେ ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନଙ୍କ ପେନ୍ ?ସନ୍ ? ଓ ଶୃଙ୍ଖଳାଗତ ପ୍ରକ୍ରିୟା ଉପରେ ବିଭାଗ ବିଶେଷ ଭାବେ ଧାନ ଦେଉଛି । ଜଣେ ଅବସର ନେବାର ଅବ୍ୟବହିତ ପୂର୍ବରୁ ତାଙ୍କର ପେନସନ ସମ୍ବନ୍ଧିୟ କାଗଜପତ୍ର ବିଭାଗରେ ପହଞ୍ଚିବା ଆବଶ୍ୟକ । ଅଦାଲତ ସମ୍ବନ୍ଧୀୟ କେଶଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରି କର୍ମଚାରୀମାନଙ୍କ ଗ୍ରାଚୁଇଟି, ପେନସନ ଆଦିକୁ ସହଜ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ବିଭାଗ ସମ୍ବନ୍ଧୀୟ ସମସ୍ତ ଅଭିଯୋଗଗୁଡିକର ଯଥା ସମୟରେ ତ୍ୱରିତ ସମାଧାନପୂର୍ବକ ଅନୁପାଳନ ରିପୋର୍ଟ ବିଭାଗକୁ ପ୍ରଦାନ କରିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପଗୁଡିକର ସମୀକ୍ଷା ଅବସରରେ ଶ୍ରୀ ସିଂହ କହିଲେ ଯେ ସଡକ, ସେତୁ ଓ ଗୃହ ନିର୍ମାଣ କ୍ଷେତ୍ରରେ ବିଭାଗ ସମସ୍ତ ସର୍କଲମାନଙ୍କୁ ପର୍ଯ୍ୟାପ୍ତ ପାଣ୍ଠି ହସ୍ତାନ୍ତର କରିଛି । ଏଣୁ ଯେଉଁ ଡିଭିଜନମାନେ ସେମାନଙ୍କୁ ଦିଆ ଯାଇଥିବା ଅନୁଦାନର ୮୦ ପ୍ରତିଶତ ଅଦ୍ୟାବଧି ବ୍ୟୟ କରି ସାରିଛନ୍ତି ସେହିମାନଙ୍କୁ ଅତିରିକ୍ତ ଅନୁଦାନ ଡିସେମ୍ବର ମାସରେ ପ୍ରଦାନ କରାଯିବ । ସମସ୍ତ ନିର୍ମାଣ କାମ ତ୍ୱରାନ୍ୱିତ ପ୍ରକ୍ରିୟାରେ ଏବଂ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେବା ବିଭାଗର ଗୁରୁଦାୟିତ୍ୱ ଏ ଦିଗରେ ବିଭାଗର ସମସ୍ତ ଯନ୍ତ୍ରୀମାନେ ଯନିବାନ ହେବା ଆବଶ୍ୟକ । ସେହିପରି ଆର.ଆଇ.ଡି.ଏଫ ଯୋଜନା ଅଧିନରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକ ଧାର୍ଯ୍ୟ ସମୟରେ ସାରିବା ସହ ଆଗାମୀ ଡିସେମ୍ବର ସୁଦ୍ଧା ପିସିଆର ପ୍ରଦାନ କରିବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେବା ସହ ରୋଡ ଏବଂ ବ୍ରିଜ ସେକଫରରେ ସ୍ଥଗିତ ରହିଥିବା ଡିପିଆର ଦାଖଲ କରିବାକୁ କହିଥିଲେ । ଏଥି ସହିତ ଶତପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ବାକି ରହିଥିବା ଟେଣ୍ଡର ପ୍ରକ୍ରିୟା ଯଦି କିଛି ରହିଥାଏ ତା'କୁ ଶେଷ କରିବାକୁ କହିଥିଲେ । ସେହିପରି ବିଜୁସେତୁ ଯୋଜନା ଅଧିନରେ ବିଭିନ୍ନ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ଆପ୍ରୋଚ ରୋଡଗୁଡିକୁ ଯଥା ସମୟରେ ସାରିବାକୁ ବୈଠକରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ନିର୍ବାହୀ ଯନ୍ତ୍ରୀମାନେ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ପ୍ରଦାନ କରିବା ସମୟରେ କେଉଁ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଇ ପାରୁଛି ସେଗୁଡିକୁ ଅନୁଧାନ ପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୨୧-୨୨ ଆର୍ଥିକ ବର୍ଷ ପୂର୍ବରୁ ବାକି ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ବୁଝିବା ସହ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆ ଯାଇଥିବା ସମସ୍ତ ପ୍ରକଳ୍ପଗୁଡିକର ବାକି ରହି ଯାଇଥିବା ଡିପିଆର ଫାଇନାଲ କରିବାକୁ ପରାମର୍ଶ ଦେଇଥିଲେ । ବିଜୁ ସେତୁ ଯୋଜନା ଅଧିନରେ ଥିବା ଅସମ୍ପୂର୍ଣ୍ଣ ଆପ୍ରୋଚ ରୋଡ କାମକୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ସାରିବାକୁ ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସାରିବା ସହିତ ୨୦୨୧-୨୨ ପୂର୍ବରୁ ଚାଲୁ ରହିଥିବା ପ୍ରକଳ୍ପକୁ ଆସନ୍ତା ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବା ଜରୁରୀ ବୋଲି ଶ୍ରୀ ସିଂହ କହିଥିଲେ । ଏଥି ସହିତ ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ଶତପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ସମସ୍ତ ପ୍ରକଳ୍ପ ପ୍ରକ୍ରିୟା ଚୂଡାନ୍ତ କରିବାକୁ କହିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧିନରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାଗୁଡିକର ନିୟମିତ ଓ ସାମୟିକ ରକ୍ଷଣାବେକ୍ଷଣ ନିମନ୍ତେ ସମ୍ପୃକ୍ତ ସଂସ୍ଥାଗୁଡିକ ସହିତ ବୁଝାମଣା କରି କାର୍ଯ୍ୟ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟ ସମୟରେ ଜମି ଅଧିଗ୍ରହଣରେ ଉପୁଜୁ ଥିବା ସମସ୍ୟା, ବିଶେଷ କରି ଜଙ୍ଗଲ ଜମିଗୁଡିକ ପାଇଁ ଔପଚାରିକତା ସମ୍ପୂର୍ଣ୍ଣ କରି ବିଭାଗକୁ ଜଣାଇବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା, କୋଠାବାଡି, ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ସମ୍ପର୍କରେ ଆଲୋଚନା କରା ଯାଇଥିଲା । ପ୍ରତ୍ୟେକ ସର୍କଲ ଓ ଡିଭିଜନର ସମସ୍ତ ଯନ୍ତ୍ରୀମାନଙ୍କୁ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମର ଅଗ୍ରଗତି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ପଚାରି ବୁଝିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁଦର୍ଶନ ପରିଡା, ଇ.ଆଇ.ସି ଶ୍ରୀ ଅକ୍ଷୟ କୁମାର ପ୍ରଧାନ, ଇ.ଆଇ.ସି ଶ୍ରୀ ଜୀବନାନନ୍ଦ ନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଦାଦନ ଦୁଃଖ: ରାଜ୍ୟ ବାହାରକୁ ଗଲେଣି ଦାଦନଙ୍କ ସହ ୧୦ ହଜାର ଶିଶୁ

ନୂଆପଡ଼ା, ୩୦/୧୧ (ନି.ପ୍ର): ରାଜ୍ୟ ବାହାରକୁ ଦାଦନ ଖଟି ଯାଉଥିବା ଶ୍ରମିକଙ୍କ ସନ୍ତାନମାନଙ୍କ ପାଇଁ ପ୍ରତିବର୍ଷ ଋତୁକାଳୀନ ଆବାସିକ କେନ୍ଦ୍ର ଖୋଲା ଯାଇଥାଏ। ମାତ୍ର ଏଥର ପ୍ରସ୍ତାବିତ ୬୨ଟି କେନ୍ଦ୍ରରୁ ନୂଆପଡ଼ା ଜିଲ୍ଲାରେ ଏ ଯାଏଁ ମାତ୍ର ତିନିଟି କେନ୍ଦ୍ର ଖୋଲାଯାଇଛି। ଫଳରେ ଦଶ ହଜାରରୁ ଅଧିକ ବାଳକ, ବାଳିକା ଚଳିତ ଦାଦନ ଋତୁରେ ବାପାମା'ଙ୍କ ସହ ରାଜ୍ୟ ବାହାରକୁ ପଳାଇ ସାରିଥିବା ଏକ ବେସରକାରୀ ଆକଳନରୁ ଜଣାପଡ଼ିଛି। ଏ ପରିସ୍ଥିତିରେ ଦାଦନ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ସରକାରଙ୍କ ଶିକ୍ଷାଦାନ ଯୋଜନା ଚଳିତ ବର୍ଷ ବାଟବଣା ହେବାର ଆଶଙ୍କା ଦେଖାଦେଇଛି। ସୂଚନା ଅନୁସାରେ, ଜିଲ୍ଲାରେ ଦାଦନ ଖଟି ଯାଉଥିବା ଶ୍ରମିକଙ୍କ ୬ରୁ ୧୪ ବର୍ଷ ବୟସର ପାଠପଢ଼ୁଆ ସନ୍ତାନମାନଙ୍କୁ ପ୍ରତିବର୍ଷ ୬ ମାସ ଯାଏଁ ରହିବାଖାଇବା ଓ ପାଠପଢ଼ିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଖାଲିଥିବା ହଷ୍ଟେଲରେ ଏଥିପାଇଁ ଋତୁକାଳୀନ ଆବାସିକ କେନ୍ଦ୍ରମାନ ଖୋଲାଯାଇଥାଏ। ସରକାର ଏହି ଛଅ ମାସ ପାଇଁ ପିଲା ପିଛା ୧୦ ହଜାର ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ପଶ୍ଚିମ ଓଡ଼ିଶାରେ ପ୍ରତିବର୍ଷ ଚାଷବାସ କାମ ସରିବା ପରେ ନୂଆଁଖାଇ ପରଠାରୁ, ସାଧାରଣତଃ ସେପ୍ଟେମ୍ବରରୁ ଦାଦନ ଋତୁ ଆରମ୍ଭ ହୋଇଯାଏ। ଏହି ଛଅମାସିଆ ଋତୁରେ ବାପାମା' ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ପଳାଇ ଯାଉଥିବାରୁ ସେମାନଙ୍କ ପିଲାମାନଙ୍କର ଯେଭଳି ପାଠପଢା ବ୍ୟାହତ ନହେବ ସେଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨୦୦୨ ମସିହାରୁ ଏହି ଋତୁକାଳୀନ ଆବାସିକ କେନ୍ଦ୍ର ଯୋଜନା ଆରମ୍ଭ ହୋଇଛି। ପଶ୍ଚିମ ଓଡ଼ିଶାର ଦାଦନ ଶ୍ରମିକବହୁଳ ପାଂଚଟି ଜିଲ୍ଲା ନୂଆପଡ଼ା ସମେତ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଓ ସୁବର୍ଣ୍ଣପୁରରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଆସୁଛି। ପରିସଂଖ୍ୟାନ ଅନୁସାରେ, ଆର୍ଥିକ ଅନଗ୍ରସର ନୂଆପଡ଼ା ଜିଲ୍ଲାର ମୋଟ ୭ ଲକ୍ଷ ଲୋକଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ଅର୍ଥାତ ୨ ଲକ୍ଷ ଗରିବ ମହିଳା, ପୁରୁଷ ପ୍ରତିବର୍ଷ ଦାଦନ ଖଟିବାକୁ ବାହାର ରାଜ୍ୟକୁ ବାହାରି ଯାଆନ୍ତି। ସଂଗରେ ସେମାନଙ୍କ ଶିଶୁ ଏବଂ ନାବାଳକ, ନାବାଳିକା ପିଲାମାନେ ବି ଯାଆନ୍ତି। ସରକାରୀ ସୁବିଧା ମିଳିବା ପରେ ପାଠପଢ଼ୁଆ ପିଲାମାନେ ବାପା-ମାଙ୍କ ସହ ଆଉ ବାହାରକୁ ନଯାଇ ଏଠାରେ ରହି ପଢ଼ାପଢ଼ି କରିଥାନ୍ତି। ୨୦୨୨-୨୩ ମସିହାରେ ନୂଆପଡ଼ା ଜିଲ୍ଲାରେ ୫୬ଟି ଋତୁକାଳୀନ ଆବାସିକ କେନ୍ଦ୍ର ଖୋଲିଥିଲା। ନୂଆପଡ଼ା ବ୍ଲକ୍‌ର ୧୭ଟି କେନ୍ଦ୍ରରେ ୭୦୬ ଜଣ, କୋମନାର ୧୨ଟି କେନ୍ଦ୍ରରେ ୫୪୬ , ଖଡ଼ିଆଳର ୩ଟି କେନ୍ଦ୍ରରେ ୧୨୮, ବୋଡ଼େନର ୬ଟି କେନ୍ଦ୍ରରେ ୨୭୫ ଓ ସିନାପାଲିର ୧୮ଟି କେନ୍ଦ୍ରରେ ୮୧୨ ଜଣ ଛାତ୍ରଛାତ୍ରୀ ଥିଲେ। ଅର୍ଥାତ୍ ମୋଟ୍ ୫୬ଟି କେନ୍ଦ୍ରରେ ମୋଟ୍ ୨୪୬୭ ଜଣ ଦାଦନ ଶ୍ରମିକଙ୍କ ସନ୍ତାନମାନେ ପାଠ ପଢୁଥିବା ଦର୍ଶାଯାଇଥିଲା। ଚଳିତ ବର୍ଷ ପୁଣି ନୂଆପଡ଼ା ବ୍ଲକ୍‌ରେ ୧୮ଟି, କୋମନାରେ ୧୪, ଖରିଆରରେ ୨, ବୋଡ଼େନରେ ୯ ଓ ସିନାପାଲି ବ୍ଲକ୍‌ରେ ୧୯ଟି ମୋଟ୍ ୬୨ଟି କେନ୍ଦ୍ର ଖୋଲିବାକୁ ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ସଂପୃକ୍ତ ପ୍ରଧାନ ଶିକ୍ଷକମାନଙ୍କୁ ଚିଠି କରିଛନ୍ତି। ହେଲେ ଏଯାଏଁ ମାତ୍ର ୩ଟି କେନ୍ଦ୍ର ଖୋଲାଯାଇଛି। ଅନ୍ୟ ବର୍ଷ ପରି ଚଳିତ ବର୍ଷ ମଧ୍ୟ ନୂଆଁଖାଇ ପରଠାରୁ ଏ ଅଞ୍ଚଳର ଶ୍ରମିକମାନେ ଦାଦନ ଗଲେଣି।

# ଆଞ୍ଚଳିକ ବୈଷମ୍ୟ କମିଟି ଗଠନ କରାଯାଉ: କଂଗ୍ରେସ



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ରାଜ୍ୟରେ ଏକ ଆଞ୍ଚଳିକ ବୈଷମ୍ୟ କମିଟି ଗଠନ କରାଯାଉ। ମାଗଣା ଚାଉଳ ବଣ୍ଟନ ପାଇଁ କିଛି ମାତ୍ରାରେ କ୍ଷୁଧା ନିବାରଣ ହୋଇଛି ସତ ମାତ୍ର ଏହା ଦାରିଦ୍ର୍ୟ ଦୂର କରିପାରିବ ନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ପ୍ରଚାର ଓ ପ୍ରସାର ସଂପୂର୍ଣ୍ଣ ଭ୍ରମାତ୍ମକ। ରାଜ୍ୟରେ ଦାରିଦ୍ୟର ବାସ୍ତବ ଚିତ୍ରକୁ ଘୋଡ଼ାଇବା ପାଇଁ ଏକ ପ୍ରୟାସ ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ। ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କାନୁନ୍‌ଗୋ କହିଲେ, ନିତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ତଥ୍ୟକୁ ଦେଖିଲେ ତହିଁରେ ରାଜ୍ୟର ଦାରିଦ୍ର୍ୟର ଏକ ବିକଳ ଚିତ୍ର ସାମ୍ନାକୁ ଆସୁଛି। ବର୍ତ୍ତମାନ ସମୟରେ ରାଜ୍ୟରେ ରକ୍ତହୀନତା ଶିକାର ମହିଳାଙ୍କ ହାର ୬୪.୩ %। ସମାନ ଭାବରେ ୬-୫୯ ମାସ ଶିଶୁଙ୍କ କ୍ଷେତ୍ରରେ ରକ୍ତହୀନତାର ପରିମାଣ ୬୪.୨%। ମାତ୍ରାଧିକ କୁପୋଷଣର ଶିକାର ହୋଇଥିବା ଶିଶୁଙ୍କ ସଂଖ୍ୟା ୮%। ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର କଥା ନ କହିବା ଭଲ। ମହିଳା ଓ ଶିଶୁମାନେ ଯଦି ରକ୍ତହୀନତା, କୁପୋଷଣର ଶିକାର ହେଉଛନ୍ତି ତାହାର ମୁଖ୍ୟ କାରଣ ହେଉଛି ଦାରିଦ୍ର୍ୟ। ଦେଶରେ ଦରିଦ୍ରତମ ରାଜ୍ୟ ଭିତରେ ଅଷ୍ଟମ ସ୍ଥାନରେ ଓଡ଼ିଶା ରହିଛି। ମାଗଣା ଚାଉଳ ଭୋକିଲା ଲୋକର ଭୋକ ମେଣ୍ଟାଇପାରେ କିନ୍ତୁ ସୁସ୍ଥ ଜୀବନଯାପନ କରିବା ନିମନ୍ତେ ଜଣେ ବ୍ୟକ୍ତି ପାଇଁ ପୁଷ୍ଟିକର ଆହାର ନିତ୍ୟାନ୍ତ ଆବଶ୍ୟକ।
ଦରଦାମ ବୃଦ୍ଧିକୁ ରୋକିବା ପାଇଁ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାରଙ୍କ ତରଫରୁ ଉପଯୁକ୍ତ ପଦକ୍ଷେପ ନିଆ ନ ଯିବା ପରିତାପର ବିଷୟ। ରାଜ୍ୟରେ ଯଦି ଦାରିଦ୍ର ?ୟ ନ ଥିଲେ ଅପପୁଷ୍ଟି, କୁପୋଷଣ, ରକ୍ତହୀନତା, ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାରର ହାର ଏତେ ଅଧିକ ହୋଇ ନ ଥାନ୍ତା। ସେଥିପାଇଁ ରାଜ୍ୟ ସରକାର ଏକ ଆଞ୍ଚଳିକ ବୈଷମ୍ୟ କମିଟି ଗଠନ କରିବା ସହିତ ୪୦ ଦିନ ଭିତରେ ଏହି ରିପୋର୍ଟକୁ ସାର୍ବଜନୀନ କରାଯାଉ। ୨୦୦୨ ମସିହାରେ ଯେଉଁ ଆଞ୍ଚଳିକ ବୈଷମ୍ୟ କମିଟି ଗଠନ କରାଯାଇଥିଲା ତାହାର ରିପୋର୍ଟ ୨୦୦୮ ମସିହାରେ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର ଏହାକୁ ଏ ପର୍ଯ୍ୟନ୍ତ କାହିଁକି ସାର୍ବଜନୀନ କରାଯାଇନାହିଁ ? ବର୍ତ୍ତମାନ ଆଉ ଗୋଟିଏ କମିଟି ଗଠନ କରି ଜିଲ୍ଲା ଜିଲ୍ଲା ମଧ୍ୟରେ ଥିବା ବୈଷ୍ୟମତାକୁ ରିପୋର୍ଟ ଆଧାରରେ ସରକାର ରାଜ୍ୟବାସୀଙ୍କ ସାମ୍ନାରେ ରଖନ୍ତୁ ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ପ୍ରଶାନ୍ତ ଶତପଥୀ ଓ ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ।

# ଓଡ଼ିଶା ଲଳିତ କଳା ଏକାଡ଼େମୀ ଦ୍ୱାରା ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀର ଶୁଭାରମ୍ଭ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟରେ ଚିତ୍ରକଳାର ପ୍ରଚାର ଓ ପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହିତ ଚିତ୍ରକଳାଗୁଡିକୁ ନେଇ ଏକ ଭ୍ରାମ୍ୟମାଣ ପ୍ରଦର୍ଶନୀର ଉଦଘାଟନୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ରାଉତ କାର୍ତ୍ତିକେୟନ୍ ଉକ୍ତ ପ୍ରଦର୍ଶନୀର ଶୁଭ ଉଦଘାଟନ କରିଛନ୍ତି । ଏହି ଅବସରରେ ସମ୍ମାନିତ ଅତିଥି ରୂପେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଦିଲୀପ ରାଉତରାଏ, ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ପଦ୍ମଶ୍ରୀ ଶ୍ରୀ ସୁଦର୍ଶନ ପଟ୍ଟନାୟକ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମଧୁସୂଦନ ଦାସ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୁବୋଧ ଆଚାର୍ଯ୍ୟ, ଏକାଡେମୀର ସଚିବ ଡ. ପଂଚାନନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ପ୍ରଦର୍ଶନୀ ଆସନ୍ତା ଡିସେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ସଦର ମହକୁମା ବା ପ୍ରମୁଖ ସହରରେ ଆୟୋଜନ କରାଯିବ । ଓଡ଼ିଶାର ଖ୍ୟାତନାମା ଶିଳ୍ପୀମାନଙ୍କର କଳାକୃତି ଯେପରି ରାଜ୍ୟର ଜନସାଧାରଣ ତଥା ଶିଳ୍ପୀମାନେ ଦେଖିବାର ସୁଯୋଗ ପାଇ ପାରିବେ ଏବଂ ଓଡ଼ିଶାର ସବୁ ଜିଲ୍ଲାରେ ଚିତ୍ରକଳାର ପ୍ରଚାର ଓ ପ୍ରସାର କିପରି ଅଧିକ ହୋଇପାରିବ ସେଥିପାଇଁ ଏକାଡେମୀ ତରଫରୁ ଏପରି ପ୍ରୟାସ କରାଯାଉଛି । ପ୍ରକାଶ ଥାଉ କି ୧୨୦ଟି ସୁନାମଧନ୍ୟ ଓଡ଼ିଆ ଚିତ୍ରଶିଳ୍ପୀଙ୍କର କଳାକୃତି ରାଜ୍ୟର ୩୦ ଟି ଜିଲ୍ଲାର ସଦର ମହକୁମା ବା ପ୍ରମୁଖ ସହରରେ ପ୍ରଦର୍ଶିତ ହେବ।ଉକ୍ତ ପ୍ରଦର୍ଶନୀରେ ଓଡ଼ିଶାର ଖ୍ୟାତନାମା ଦିବଙ୍ଗତ ଓ ବରିଷ୍ଠ ଚିତ୍ରଶିଳ୍ପୀ ବିମ୍ବାଧର ବର୍ମା, ମୁରଲୀଧର ଟାଲି, ଗୋକୁଳ ବିହାରୀ ପଟ୍ଟନାୟକ, ନିତ୍ୟାନନ୍ଦ ମହାପାତ୍ର, ଅସିତ ମୁଖାର୍ଜୀ, ବନବିହାରୀ ପରିଡ଼ା, ହରିଶଚନ୍ଦ୍ର ସିହ୍ନାବାବୁ, ଲଲାଟ ମୋହନ ପଟ୍ଟନାୟକ, ଲକ୍ଷ୍ମୀଧର ଦାସ, ଶିବ ପାଣିଗ୍ରାହୀ, ବିନୋଦ ରାଉତରାୟ, ଚନ୍ଦ୍ରଶେଖର ରାଓ, ଡି. ଏନ. ରାଓ, ଦିନନାଥ ପାଠୀ, ବରିଷ୍ଠ ଚିତ୍ରଶିଳ୍ପୀ ପଦ୍ମନାଭ ବେହେରା, ଯତୀନ ଦାସ, ରାମହାରୀ ଜେନା, ଅମର ଜେନା, ବିପିନ ବିହାରୀ ମାର୍ଥା, ବଳଦେବ ମହାରଥା, ଚକ୍ରଧର ବେହେରା, ମୀନକେତନ ପଟ୍ଟନାୟକ, ଜଗଦୀଶ ଚନ୍ଦ୍ର କାନୁନଗୋ, ମହେନ୍ଦ୍ର ପ୍ରସାଦ ମହାପାତ୍ର, ତରକାନ୍ତ ପରିଡ଼ା, ସଂଗୀତା ପଟ୍ଟନାୟକ, ଭାଗବତ ମହାରଣା, ବିଜୟ ପରିଡ଼ା, ବୃନ୍ଦାବନ ମହାରଣା, ଦୀପ୍ତି ପ୍ରକାଶ ମହାନ୍ତି, ଗୌରାଙ୍ଗ ବାରିକୀ, ରବି ନାରାୟଣ ରଥ, ପ୍ରସନ୍ନ କୁମାର ସାହୁ, ବସନ୍ତ ପଣ୍ଡା, ଅନନ୍ତ ପଣ୍ଡା, ଗୋପାଳ କାନୁନଗୋ, ଯତୀନ ଦାସ, ଦୁର୍ଗାପ୍ରସାଦ ଦାସ, ଅଜିତ କେଶରୀ ରାୟ, ବିଭୁତି କାନୁନଗୋ ଓ ରବିନାରାୟଣ ନାୟକ ପ୍ରମୁଖଙ୍କ ସହ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ସ୍ଥାନ ପାଇଛି।

ଉକ୍ତ ପ୍ରଦର୍ଶନୀ ପ୍ରତ୍ୟେକ ଜିଲ୍ଲାରେ ୩ ଦିନ ଧରି ଅନୁଷ୍ଠିତ ହେବ । ଏହାକୁ ସାଧାରଣ ଜନତା, ଶିଳ୍ପୀ, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀବୃନ୍ଦ ଦେଖିବାର ସୁଯୋଗ ପାଇପାରିବେ । ଏହି ଅବସରରେ କଳାକୃତିଗୁଡ଼ିକୁ ନେଇ ୩ ଟି ସୁସଜିତ ଗାଡି ସଂସ୍କୃତି ଭବନ ପରିସରରୁ ବିଭିନ୍ନ ଜିଲ୍ଲା ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ସୂଚନା ଓ ଲୋକସଂପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ବିଶିଷ୍ଟ ଶିଳ୍ପୀ, ନିମନ୍ତ୍ରିତ ଅତିଥି, ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଡୁଚେନ୍ ମାଂସପେଶୀ ଡିଷ୍ଟ୍ରୋଫି (ଡିଏମଡି) ବ୍ୟାଧିରେ ପୀଡିତ ଦୁଇଜଣଙ୍କୁ ସହାୟତା ପ୍ରଦାନ

ବଲାଙ୍ଗିର, ୩୦/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାପାଳଙ୍କ କକ୍ଷରେ ଡୁଚେନ୍ ମାଂସପେଶୀ ଡିଷ୍ଟ୍ରୋଫି (ଡିଏମଡି) ବ୍ୟାଧିରେ ପୀଡିତ ଦୁଇଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦଶ ଲକ୍ଷ ଟଙ୍କା ଲେଖାଏଁ କୋଡିଏ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା । କଡମପଡ଼ା ବଲାଙ୍ଗୀରର ସିକୁନ ବାଗ ଓ ମନହୀରାର ସୌରଭ ବେହେରାଙ୍କୁ ଏହି ଆର୍ଥିକ ସହାୟତା ମଞ୍ଜୁର ହେଇଛି । ଏହି ଟଙ୍କା ସମ୍ପୃକ୍ତ ପିଲାମାନଙ୍କର ଅଭିଭାବକଙ୍କ ବ୍ୟାଙ୍କ ଖାତାକୁ ପ୍ରେରଣ କରାଯାଇଛି । ଡୁଚେନ୍ ମାଂସପେଶୀ ଡିଷ୍ଟ୍ରୋଫି ହେଉଛି ଏକ ଅବସ୍ଥା ଯାହା କଙ୍କାଳ ଏବଂ ହୃଦୟ ମାଂସପେଶୀର ଦୁର୍ବଳତା ସୃଷ୍ଟି କରେ ଏବଂ ସମୟ ସହିତ ଶୀଘ୍ର ଖରାପ ହୋଇଯାଏ । ରୋଗର ଲକ୍ଷଣ ସାଧାରଣତଃ ୬ବର୍ଷ ବୟସରୁ ଆରମ୍ଭ ହୁଏ ଏବଂ ଏହି ଅବସ୍ଥା ମୁଖ୍ୟତଃ ଜନ୍ମ ସମୟରେ ପିଲାମାନଙ୍କୁ ପ୍ରଭାବିତ କରିଥାଏ । ସମ୍ପ୍ରତି ଏହାର କୌଣସି ଉପଶମ ନାହିଁ । ତେଣୁ ଚିକିତ୍ସାରେ ଲକ୍ଷଣ ପରିଚାଳନା ଏବଂ ଜୀବନ ଶୈଳୀରେ ଉନ୍ନତି ଆଣିବା ହିଁ ରୋଗ ପ୍ରତିଶେଧକ ରୂପେ ଗ୍ରହଣ କରାଯାଇଛି । ବୈଦ୍ୟୁତିକ ହୁଇଲ ଚେୟାର, ଫିଜିଓଥେରାପି ଓ ଏହି ବିରଳ ବ୍ୟାଧି ପାଇଁ ପରୀକ୍ଷା ଏବଂ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଏକକାଳୀନ ସହାୟତା ହିତାଧିକାରୀଙ୍କୁ ସିଧାସଳଖ ବ୍ୟାଙ୍କ ଖାତାରେ ପ୍ରଦାନ କରାଯାଏ ।

# ଦେଓଗାଁରେ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ: ବିଜୁ କନ୍ୟା ରତ୍ନ ଯୋଜନାର ଲଗୋ ଶୁଭାରମ୍ଭ

ବଲାଙ୍ଗୀର, ୩୦/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଙ୍କ ଅଧ୍ୟକ୍ଷତା କରିଥିବା ବେଳେ, ମଂଚ ପରିଚାଳନା କରିଥିଲେ ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା, କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷ ଦୟାନିଧି ଖମାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ଜଣାଇଥିଲେ। ଗୋଷ୍ଠି ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଏବିଇଓ ଅଜିତ କୁମାର ମିଶ୍ର,ସି ଡି ପି ଓ ସୁକାନ୍ତି ବେହେରା, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ମମତାମୟୀ ଦାସ, ସ୍ନେହଲତା ସାହୁ, ଶିଶୁ ମଙ୍ଗଳ ସମିତି ର ପୂର୍ବତନ ସଦସ୍ୟ ନନ୍ଦି କିଶୋର ଷାଣ୍ଢ, ସଦସ୍ୟା ଲୀନା ବାବୁ, ଏସ ଲତା।ଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା ପୋଷ୍ୟ ସନ୍ତାନ ଗ୍ରହଣ, କିଶୋର ନ୍ୟାୟ ଆଇନ, ଶିଶୁ ଗୃହ ଉପରେ ଆଲୋକପାତ କରିଥିବା ବେଳ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପୃଷ୍ଟପୋଷକତା ସହାୟତା ରାଶି, ଫୋଷ୍ଟର୍ କେୟାର ମିଶନ୍ ବାତ୍ସଲ୍ୟ , ଜିପିଡିପି ର ବାର୍ଷିକ ଯୋଜନା ରେ ୫% ଅନୁଦାନ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁ ମାନଙ୍କ ଯତ୍ନ ନିମନ୍ତେ ଖର୍ଚ୍ଚ କରିପାରିବେ ବୋଲି କହିଥିଲେ । ସେହିପରି ଆଶୀର୍ବାଦ, ସୁକନ୍ୟା, ବେଟି ବାଚାଓ ବେଟି ପଢାଓ ଯୋଜନା ଉପରେ ଅତିଥି ମାନେ ବୁଝାଇ ଥିଲେ। ଶେଷରେ ଅତିଥି ମାନଙ୍କ ଦ୍ୱାରା ବିଜୁ କନ୍ୟା ରତ୍ନ ଯୋଜନା ର ଲଗୋ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ରେ ଦେଓଗାଁ ବ୍ଲକ ର ଅଙ୍ଗନୱାଡ଼ି କର୍ମୀ,ସୁପର ଭାଇଜ୍,ବ୍ଲକ କର୍ମଚାରୀ ଉପସ୍ଥିତ ଥିବା ବେଳେ ସୁରେଶ କୁମାର ମହାକୁର, ଠାକୁର ଭୋଇ, ରାମନାଥ ସାଏ , ସାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ଅରୁଣା ର ଜିଲ୍ଲା ପରାମର୍ଶ ଦାତା ଶ୍ରୀ ପ୍ରମୋଦ ବଗର୍ତ୍ତି ସମସ୍ତଙ୍କୁ ଧନ୍ୟବାଦ୍ କରିଥିଲେ।

# ଜିଲ୍ଲା ବିଜେପି ସତ୍ୟାଗ୍ରହ ଦ୍ୱିତୀୟ ଦିନରେ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ୨୩ ବର୍ଷର ବିଜେଡି ଶାସନରେ ଭୁବନେଶ୍ୱରବାସୀ "ଦୁର୍ଗନ୍ଧ"କୁ ଉପହାରରେ ପାଇଛନ୍ତି । ପୂର୍ବରୁ ରାଜଧାନୀର ମଧ୍ୟବର୍ତ୍ତୀ ଅଂଚଳରେ ଥିବା ଗାଡକଣସ୍ଥିତ 'ଡମ୍ପିଂ ୟାର୍ଡ'ର ଦୁର୍ଗନ୍ଧରେ ସ୍ଥାନୀୟ ଗାଡକଣ, ରଙ୍ଗମାଟିଆ, ଡମଣା, ମଂଚେଶ୍ୱରବାସିନ୍ଦାଙ୍କ ଜୀବନ ଅତିଷ୍ଠ ହେଉଥିଲା । ଏହି ଦୁର୍ଗନ୍ଧ ସମୟ କ୍ରମେ ସାରା ସହରକୁ ବ୍ୟାପିଲାଣି । ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ସ୍ମାର୍ଟ ସିଟି ଭୁବନେଶ୍ୱରବାସୀଙ୍କ ଜୀବନ ଅତ୍ୟନ୍ତ ଦୟନୀୟ ହୋଇପଡିଛି । ରାଜଧାନୀର ମଧ୍ୟବର୍ତ୍ତୀ ଅଂଚଳରେ ଥିବା ଗାଡକଣସ୍ଥିତ 'ଅସ୍ଥାୟୀ ଡମ୍ପିଂ ୟାର୍ଡ' ଆଜି 'ସ୍ଥାୟୀ ଡମ୍ପିଂ ୟାର୍ଡ'ରେ ପରିଣତ ହୋଇ କୃତ୍ରିମ ପାହାଡର ଭ୍ରମ ସୃଷ୍ଟି କରିଛି । ଏହି "ଦୁର୍ଗନ୍ଧ" ପାଇଁ ଭାରତୀୟ ଜନତା ପାର୍ଟି ବାରମ୍ବାର ବିଏମ୍ ?ସି ଓ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ । କିନ୍ତୁ ତାହାର ସୁଫଳ ନମିଳିଥିବାରୁ ଆଜି ଭାରତୀୟ ଜନତା ପାର୍ଟି ଜିଲ୍ଲା ପକ୍ଷରୁ 'ଡମ୍ପିଂ ୟାର୍ଡ'କୁ ନେଇ ସତ୍ୟାଗ୍ରହ ଦ୍ୱିତୀୟ ଦିନରେ ପଂହଚିଛି । ରାଜ୍ୟ ସରକାର 'ଡମ୍ପିଂ ୟାର୍ଡ'ର ବ୍ୟବସ୍ଥାର ସ୍ଥାୟୀ ସମାଧାନ ନକଲେ ସତ୍ୟାଗ୍ରହ ଜାରି ରହିବ ବୋଲି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ କହିଛନ୍ତି । ଭୁବନେଶ୍ୱରର ଲୋକେ ଭୋଟ ଓ ଟିକସ ଦେଇ ରୋଗକୁ ଉପାହାରରେ ପାଉଛନ୍ତି । ଟିକସ ନେଇ ନିଜ ଦାୟୀତ୍ୱ ଭୁଲି ଯାଉଛି ବିଏମସି । ସ୍ମାର୍ଟସିଟି ଭୁବନେଶ୍ୱରର ସ୍ୱଚ୍ଛତା ରକ୍ଷା ପାଇଁ ରାଜ୍ୟ ସରକାର, ମେୟର, କମିଶନର, ବିଭାଗୀୟ ଅଧିକାରୀ, ବିଏମସି କର୍ତ୍ତୃପକ୍ଷ ମିଳିତ ଭାବେ ଦାୟୀତ୍ୱ ନିଅନ୍ତୁ ବୋଲି ଶ୍ରୀ ସିଂ କହିଛନ୍ତି।
ଗାଡକଣସ୍ଥିତ 'ଡମ୍ପିଂ ୟାର୍ଡ'ଅସୁସ୍ଥ ପରିବେଶ, ବାୟୁ ପ୍ରଦ୍ୟୁଷଣ ଓ ଅସହ୍ୟ ଦୁର୍ଗନ୍ଧ କାରଣରୁ ସ୍ଥାନୀୟ ଅଂଚଳବାସୀ ଘରର କବାଟ ବନ୍ଦ କରି ରହିବା ସହିତ ମୁହଁରେ ମାସ୍କ ପିନ୍ଧୁଛନ୍ତି । ଏପରିକି ଚର୍ମରୋଗ, ଶ୍ୱାସରୋଗ ଓ କ୍ୟାନସର ଭଳି ମାରାତ୍ମକ ରୋଗ ବ୍ୟାପିବାରେ ଲାଗିଛି । ଦୀର୍ଘଦିନର ବିଜେଡି ସରକାର ସାଧାରଣ ଲୋକଙ୍କ ଦୁଃଖର କାରଣ ସାଜିଛି । ଅସୁସ୍ଥକର ପରିବେଶ ପାଇଁ ଭକ୍ତମାନେ ସେଠାରେ ଥିବା ସର୍ବେଶ୍ୱର ମହାଦେବ ମନ୍ଦିର, ଦାସରାଜ ମନ୍ଦିରକୁ ଆସୁନଥିବାରୁ ଏହା ବନ୍ଦ ରହିଥିବା ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମହାନ୍ତି କହିଛନ୍ତି । ଏହି ଦୁର୍ଗନ୍ଧ ପରିବେଶ ପାଇଁ ଭୁବନେଶ୍ୱରବାସିନ୍ଦାଙ୍କ ଦୁଃଖ ଓ ଧର୍ଯ୍ୟର ସୀମାକୁ ରାଜ୍ୟ ସରକାର ପରୀକ୍ଷା ନକରି ଏହାର ସୁବ୍ୟବସ୍ଥା କରନ୍ତୁ । ଏହି ଅଂଚଳରେ କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ, ଇଷ୍ଟକୋଷ୍ଟ ରେଲୱେ ଅଫିସ, ମେଡିକାଲ, ସରକାରୀ ଓ ଘରୋଇ କଲୋନୀ, ଅପୋଲ ହସ୍ପିଟାଲ ରହିଛି । ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଇ ଏହି ଅଳିଆକୁ ସହରଠୁ ଦୂରରେ 'ଡମ୍ପିଂ ୟାର୍ଡ' ପ୍ରସ୍ତୁତ କରନ୍ତୁ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଜଗନ୍ନାଥ ପ୍ରଧାନ କହିଛନ୍ତି ।
ଦ୍ୱିତୀୟ ଦିନର ଏହି ସତ୍ୟାଗ୍ରହ ଆନ୍ଦୋଳନରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ରାଜ୍ୟ ମୁଖପାତ୍ର ମନ୍ଵେଷ୍ଵ ମହାପାତ୍ର, ବରିଷ୍ଠ ନେତା ଭୁବନାନନ୍ଦ ତ୍ରିପାଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଦିଲ୍ଲୀପ ବେହେରା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସ୍ୱୟଂସେବକ ରାୟ, ମହିଳାମୋର୍ଚ୍ଚା ସଭାନେତ୍ରୀ ସୁଭାଷିନୀ ପୃଷ୍ଟି, କୃଷକ ମୋର୍ଚ୍ଚା ସଭାପତି ବିକ୍ରମ ପ୍ରଧାନ, ଓବିସି ମୋର୍ଚ୍ଚା ସଭାପତି ସୁଶିଲ ସାହୁ, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଶିଦ୍ଧିକ୍ ଅହମ୍ମଦ ଖାଁନ, ଜିଲ୍ଲା ଉପସଭାପତି ନିରଞ୍ଜନ ରାଉତରାୟ, ରାଜେନ୍ଦ୍ର ଦାସ, ସୁଶାନ୍ତ ସାବତ, ବିଭାସ ସେନଗୁପ୍ତା, ମାନସୀ ରାୟ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି, ମଣ୍ଡଳ ସଭାପତି ଯତୀନ୍ଦ୍ର ମହାନ୍ତି, ଅମରଜ୍ୟୋତି ଜଗଦେବ, ଜିଲ୍ଲା ମନ କି ବାତ ସଂଯୋଜକ ସଂଗ୍ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୟାବହ ଅଗ୍ନିକାଣ୍ଡ: ୨୦ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ନଷ୍ଟ

ଜୟପୁର, ୩୦/୧୧ (ନି.ପ୍ର): ବୋରିଗୁମ୍ମା ବ୍ଲକ କାଠରଗଡା ଗ୍ରାମରେ ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡରେ ୨୦ଏକର ରୁ ଉର୍ଧ ଧାନ ଫସଲ ନଷ୍ଟ ହୋଇ ଯାଇଛି । ଗତ କାଲି ବିଳମ୍ବିତ ରାତ୍ରିରେ କୁମୁଳିଆ ସାହିର ଏକ ଧାନ ଖଳା ଘଟିଛି ଅଗ୍ନିକାଣ୍ଡ। ଗତ ରାତି ସମସ୍ତେ ଶୋଇଥିବା ବେଳେ ହଠାତ ଧାନ ଗଦା ରେ ନିଆଁ ଲାଗିଥିଲା। ଗାଆଁ ଲୋକେ ଜାଣିବା ପରେ ସମସ୍ତେ ନିଆଁ ଲିଭା କାର୍ଯ୍ୟରେ ଲାଗି ପଡ଼ିଥିଲେ । ବୋରିଗୁମ୍ମା ଦମକଳ ବାହିନୀ କୁ ଖବର ଦେବା ପରେ ଦମକଳ ବାହିନୀ ଘଟଣସ୍ଥଳରେ ରାତି ହିଁ ପହଂଚି ନିଆଁ କୁ ସକାଳ ପର୍ଯ୍ୟନ୍ତ ଆୟତ କରିଥିଲା । ଗାଆଁ ର ୭ ଜଣ ଚାଷୀ ଦୁଖୁ ପାଇକଙ୍କ ୩, କମଲଚନ ପାଇକ ଙ୍କ ୨ ଏକର,ଭଗ ବିଶ୍ୱାସ ରାୟ ୩ଏକର , ମଙ୍ଗୁଲୁ ପ୍ରଧାନୀ ୭ଏକର,ବୁଢୁ ପ୍ରଧାନୀ ଙ୍କ ୪ ଏକର ଏହି ଭଳି ଭାବେ ପ୍ରାୟ ୨୦ ଏକର ରୁ ଉର୍ଦ୍ଧ ଧାନ ନଷ୍ଟ ହୋଇ ପଡ଼ିଥିବା ଜଣା ପଡ଼ିଛି ।ତେବେ ବର୍ଷେ ତମାମ କଷ୍ଟ କରି ଚାଷୀ ଧାନ ଅମଳ କରି ବିକ୍ରୀ କରିବା ପାଇଁ ଜଗି ବସିଥିଲେ । ଏଭଳି ଘଟଣା ପରେ କ୍ଷତି ଗ୍ରସ୍ତ ହୋଇଥିବା ଚାଷୀ ଭାଙ୍ଗି ପଡିଛନ୍ତି। କ୍ଷତି ଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତି ପୂରଣ ଦେବା ପାଇଁ କାଠର ଗଡା ସମିତି ସଭ୍ୟ ବୃନ୍ଦାବନ ନାୟକ ଙ୍କ ସମେତ ଗ୍ରାମବାସୀ ଏବଂ ଚାଷୀ ଦାବି କରିଛନ୍ତି ।ବୋରିଗୁମ୍ମା ଠାରୁ କାଠରଗଡ଼ା ଦୂରତା ୬୦ କିଲୋ ମିଟର ଦୂର ରେ ଅବସ୍ଥାପିତ । ଅଗ୍ନିଶମ ଗାଡି ପହଂଚି ବା ବେଳକୁ ସବୁ ସରି ଯାଇଥାଉଛି ।ବିସିଂହ ପୁର କିମ୍ବା କୁମୁଳି ରେ ଏକ ନୂତନ ଅଗ୍ନିଶମ କାର୍ଯ୍ୟାଳୟ ଖୋଲିଲେ ୧୫ପଂଚାୟତ ବାସୀ ଉପକୃତ ହୋଇପାରିବେ।

### କିଚକେଶ୍ୱରୀ ମନ୍ଦିର ଓ ରାଜପ୍ରସାଦ ସୁରକ୍ଷା ପ୍ରସଙ୍ଗ

# ଖିଚିଂରୁ ଆରମ୍ଭ ହୋଇଥିବା ପଦଯାତ୍ରା ବାରିପଦାରେ ଉଦ୍‌ଯାପିତ



ବାରିପଦା , ୩୦/୧୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଆ କିଚକେଶ୍ୱରୀ ତଥା ବିଶ୍ୱରେ ଏକମାତ୍ର କଳା ମୁଗୁନି ପଥରରେ ନିର୍ମିତ ଖିଚିଂ ସ୍ଥିତ କିଚକେଶ୍ୱରୀ ମନ୍ଦିର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଆଖିଦୃଶିଆ ଅନୁଦାନ ପ୍ରଦାନ ଦାବୀ ସହିତ ବାରିପଦା ସ୍ଥିତ ଧ୍ୱଂସାଭିମୁଖୀ ମୟୁରଭଞ୍ଜର ପୂର୍ବତନ ରାଜପ୍ରସାଦର ପୁନଃରୁଦ୍ଧାର ପାଇଁ ବାରିପଦା ପୂର୍ତ୍ତ ବିଭାଗ ପକ୍ଷରୁ ସର୍ଭେ ହୋଇ ଯେଉଁ ଅଟକଳ ରାଶି ସରକାରଙ୍କୁ ପଠାଯାଇଛି, ତୁରନ୍ତ ସେହି ଅର୍ଥରାଶି ପ୍ରଦାନ କରିବା ଦାବୀ ନେଇ ଯୁବଛାତ୍ର ସଂଗଠନ ଭଞ୍ଜସେନା ଯୁବଶାଖା ପକ୍ଷରୁ ଚଳିତ ନଭେମ୍ବର ୨୩ ତାରିଖରୁ ଖିଚିଂ ସ୍ଥିତ ମାଆ କିଚକେଶ୍ୱରୀଙ୍କ ମନ୍ଦିର ଠାରୁ ଆରମ୍ଭ ହୋଇଥିବା ପଦଯାତ୍ରା ଆଜି ଉଦଯାପିତ ହୋଇ ଯାଇଛି । ବାରିପଦା ମୁର୍ଗାବାଡି ଗୋଲେଇ ଠାରୁ ପଦଯାତ୍ରୀଙ୍କୁ ସ୍ୱାଗତ କରି ଏକ ବିଶାଳ ଶୋଭାଯାତ୍ରା ଭଂଜପୁର -ଷ୍ଟିଲ ଗୋଲେଇ - ବିଜୁ ପଟ୍ଟନାୟକ ଗୋଲେଇ - ମୁଖ୍ୟ ମାର୍କେଟ -ଟ୍ରାଫିକ ଛକ ହୋଇ ବଡ଼ବାଜ଼ାର ସ୍ଥିତ ରାଜପ୍ରାସାଦ ସମ୍ମୁଖରେ ପହଞ୍ଚିଥିଲା । ଶୋଭାଯାତ୍ରା ସମୟରେ ବହୁ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ ଏବଂ ଯୁବଛାତ୍ର ମାନେ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଦଯାତ୍ରାରେ ଭଞ୍ଜସେନା ଯୁବଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଆଲୋକ ବେହେରା, ହୃଷିକେଶ ସିଂ, ସୁନାରାମ ସିଂ, ଚିତ୍ତରଞ୍ଜନ ମହାକୁଡ଼, ସଂଜୟ ସିଂ, ଶିବସଙ୍କର ବେହେରା, ଆଦର୍ଶ ଦିବେଦୀ, ଜୟକୃଷ୍ଣ ପାତ୍ର, ଦିବ୍ୟାଂଶୁ ନାୟକ, କ୍ରିଷ୍ଣା ଗିରି, ବୁଦ୍ଧିଆ ସରଦାର, ବାପୁନ ବେହେରା, ଶୁଭମ ଦାସ, ଏସ କେ କାନୁ, ଉମା ମହାନ୍ତି, ସଂଜୀବ ମହାପାତ୍ର, କ୍ରିଶୁ ସାହୁ, ବିକ୍ରମ ମାରାଣ୍ଡି, ସଂଜୟ ମୁର୍ମୁ, ଅଜିତ ମାରାଣ୍ଡି, ବିଜୟ ବାସ୍କେ ପ୍ରମୁଖ ୨୨ ଜଣ ପଦଯାତ୍ରୀ ସାମିଲ ଥିଲେ। ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଆଜିର ଶୋଭାଯାତ୍ରାରେ ଜିଲ୍ଲା କାର୍ଯ୍ୟକାରୀ ଅଧକ୍ଷ ସଂଜୀବ ରାଉତ, ଶୃଙ୍ଖଳା କମିଟି ଅଧକ୍ଷ ସତ୍ୟସ୍ୱରୂପ ଦାଶ, ଉପାଧକ୍ଷ ନିମାଇଁ ତ୍ରିପାଠୀ ଓ ଲାଲବାହାଦୁର ମହାନ୍ତି, ଓବିସି ଶାଖା ସଭାପତି ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ.କେ ରାଜାଖାନ, ଜିଲ୍ଲା ଉପସଭାପତି ରାକେଶ ମହାନ୍ତି ଓ ପ୍ରଶାନ୍ତ ମହାକୁଡ଼ ସଂଗଠନ ସମ୍ପାଦକ ଗଣେଶ ମହାନ୍ତି,କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ବାରିପଦା ଉପଖଣ୍ଡ ସଂଯୋଜକ ପାରିତୋଷ ବାରିକ, ବାରିପଦା ସହର ସାଧାରଣ ସମ୍ପାଦକ ଅମିତ କୁମାର, ପ୍ରମୁଖ ସାମିଲ ଥିଲେ। ଜିଲ୍ଲାର ଏଭଳି ଗୁରୁତ୍ୱପୂର୍ଣ୍ଣ ଇସ୍ୟୁକୁ ଯଦି ସରକାର ଗୁରୁତର ସହ ନନିଅନ୍ତି ତେବେ ଆଗକୁ ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ବିକ୍ଷୋଭ ସମାବେଶ କରାଯିବ ବୋଲି ଭଞ୍ଜ ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି।

## ନଷ୍ଟଚାଷ ଜମି ବୁଲି ଦେଖିଲେ କେନ୍ଦ୍ରୀୟ ବ୍ୟାଙ୍କ ସଭାପତି

ଖଇରା, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ଗ୍ରାମ ପଞ୍ଚାୟତ ଅଧୀନ ବରୁଣପଦୀ, ରାମକୃଷ୍ଣପୁର ଓ କିଶୋରନଗର ଗ୍ରାମର ବିଭିନ୍ନ ଚାଷୀଙ୍କ ୪୦ଏକରରୁ ଉର୍ଦ୍ଧ ଜମି ନଷ୍ଟ ହୋଇ ଯାଇଥିବା ନେଇ ଚାଷୀ ମାନେ ଅଭିଯୋଗ କରିଥିଲେ । ବୁଧବାର ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଜିଲା ସଭାପତି ଗଣେଷ ପ୍ରସାଦ ମହାପାତ୍ର ନଷ୍ଟଚାଷ ଜମି ବୁଲି ଦେଖିବା ସହ ପ୍ରଥମେ ଚାଷି ମାନଙ୍କ ସହ ଆଲୋଚନା କରିଥିଲେ । ପରେ ଚାଷୀମାନଙ୍କୁ କିଭଳି ବିମା ଅର୍ଥ ମିଳି ପାରିବ ଏଥିଲାଗି ଜିଲା ଓ ରାଜ୍ୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ ।

## ସ୍ୱାସ୍ଥ୍ୟ ସେବାରେ ମୁଖମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ

ଭଦ୍ରକ, ୩୦/୧୧ (ନି.ପ୍ର): ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା ଆଧାରରେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତି ଭୂମିର ଉନ୍ନତି କରଣ ନିମନ୍ତେ ଏକ ହଜାର କୋଟି ଟଙ୍କା ବ୍ୟୟରେ ୩୭୨ଟି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୧୪୦ କୋଟି ଟଙ୍କା ବ୍ୟୟରେ ୧୦୩ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିବା ଏହି କାର୍ଯ୍ୟକ୍ରମ ପାଇଁ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟର ଓସ୍ୱାନ ହଲରେ ପର୍ଯ୍ୟବେକ୍ଷଣ ନିମନ୍ତେ ଆଭାସି ଜରିଆରେ ରାଜ୍ୟ କାର୍ଯ୍ୟକ୍ରମ ସହ ଯୋଡ଼ା ଯାଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ୍, ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ବନ୍ତ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ସଂପୃକ୍ତ ବିଭାଗର ଅଧିକାରୀ, ସଂପୃକ୍ତ ସରପଞ୍ଚ ଓ ଅନ୍ୟ ଜନପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଭଦ୍ରକ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି କରଣ ନେଇ ଆଗରପଡ଼ାରେ ନୂଆ ସି.ଏଚ୍.ସି. ନିର୍ମାଣ ପାଇଁ ୧୦ କୋଟି ୬୮ ଲକ୍ଷ, ଚାନ୍ଦବାଲି ସି.ଏଚ୍.ସି.ରେ ୪ର୍ଥ ଓ ୫ମ ମହଲା ନିର୍ମାଣ ପାଇଁ ୪ କୋଟି ୭୭ ଲକ୍ଷ ଭଣ୍ଡାରିପୋଖରୀ ସି.ଏଚ୍.ସି.ର ୪ର୍ଥ ଓ ୫ମ ମହଲା ନିର୍ମାଣ ପାଇଁ ୪ କୋଟି ୮୭ ଲକ୍ଷ ଟଙ୍କାର ଅନୁମୋଦନ କରାଯାଇଛି । ଆଗରପଡ଼ା ସି.ଏଚ୍.ସି. ର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ୍ ହାଉସିଂ କର୍ପୋରେସନ୍ ଦ୍ୱାରା ପରିଚାଳନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାହାରେ ରହୁଥିବା ପରିବାର ପାଇଁ ବି.ଏସ୍.କେ .ୱାଇ. ଟୋଲ ଫ୍ରିଂ ନମ୍ବର ୧୮୦୦୧୨୦୧୨୦୧୦୪ ର ଶୁଭାରମ୍ଭ କରାଗଲା । ପ୍ରକାଶଥାଉକି ରାଜ୍ୟ ଭିତରେ ବି.ଏସ୍.କେ.ୱାଇ. ହିତାଧିକାରୀମାନେ ୧୦୪ ନମ୍ବର ବ୍ୟବହାର କରିଥାନ୍ତି ।

## ଶଙ୍ଖୁଆରେ ଦିନିକିଆ ଭଳି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ: ବସନ୍ତପୁର ଚମ୍ପିୟାନ



ଲଙ୍ଗଳେଶ୍ୱର , ୩୦/୧୧ (ନି.ପ୍ର): ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ଅନ୍ତର୍ଗତ ଶଙ୍ଖୁଆ ଗ୍ରାମ ରେ ରାଧାଶ୍ୟାମ ମେମୋରିଆଲ ପକ୍ଷରୁ ଦିନିକିଆ ଭଲି ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଅଛି ।ଏଥିରେ ୪ ଟି ଟିମ ଅଂଶ ଗ୍ରହଣ କରିଥିଲେ। ସମାଜ ସେବୀ ନିତ୍ୟାନନ୍ଦ କର ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ ରବୀନ୍ଦ୍ର ମଣ୍ଡଳ ଓ ଗଙ୍ଗାଧର ପାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବ ରେ ବିଜୁ ମହିଳା ଜନତା ଦଳ ର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ବସନ୍ତପୁର ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରନର୍ସ ଅଫ ହୋଇଥିବା ପଣସା ଦଳକୁ ଅର୍ଥ ପ୍ରଦାନ କରିବାସହିତ ଖେଳ ଦ୍ୱାରା ଭାଇ ଚାରା ସୃଷ୍ଟି ହୁଏ ଓ ଶରୀର ସୁସ୍ଥ ରହେ ବୋଲି ଶ୍ରୀମତୀ ଜେନା ମତବ୍ୟକ୍ତ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ନିଶାକର ସେଠୀ,ଜିଲ୍ଲା କୃଷକ ସେଲ ସଭାପତି ଅଜୟ କୁମାର ସାମଲ, କୁଣ୍ଡୁଳି ସରପଞ୍ଚ ଜୟନ୍ତ ଦାସ, ସୁଶାନ୍ତ ବେହେରା, କୈଳାସ ମଲ୍ଲିକ ପ୍ରମୁଖ ମଞ୍ଚାସୀନଥିଲେ। ଟୁର୍ନାମେଣ୍ଟ କୁ ସୁପରିଚାଳନା ପାଇଁ ଅର୍ପିତା ମଣ୍ଡଳ ଓ ବିଶ୍ୱନାଥ ସାମଲ ରେଫରୀ ଦାୟିତ୍ୱ ତୁଲାଇଥିଲେ ସର୍ବେଶର ପାତ୍ର ଟୁର୍ନାମେଣ୍ଟ କୁ କ୍ଲବ ର ଚନ୍ଦନ ସେନାପତି. ଭାଗିରଥ ସାମଲ. ଲିପୁ ଜେନା. ରବୀନ୍ଦ୍ର ପ୍ରଧାନ. ଘନଶ୍ୟାମ ଜେନା. ବନମାଳୀ ଜେନା,ଲକ୍ଷ୍ମୀଧର ଜେନା, ପ୍ରଭୁରାମ ଜେନା. ଜନ୍ମଜୟ ପାତ୍ର ସହଯୋଗ କରିଥିଲେ।

## ଓଡ଼ିଶାର ହୋଷ୍ଟିଂରେ ୯ ଜାନୁଆରୀ ୨୦୨୪ରୁ ଆରମ୍ଭ ହେବ କଳିଙ୍ଗ ସୁପର କପ୍

ନୂଆଦିଲ୍ଲୀ, ୩୦/୧୧ (ନି.ପ୍ର): କଳିଙ୍ଗ ସୁପର୍ ଫୁଟବଲ୍ କପ୍, ୯ ଜାନୁଆରୀ ୨୦୨୪ରୁ ଓଡ଼ିଶାରେ ଆୟୋଜିତ ହେବ । ଅଖିଳ ଭାରତୀୟ ଫୁଟବଲ୍ ସଂଘ (ଏଆଇଏଫଏଫ) ବୁଧବାର ଏହି ସୂଚନା ଦେଇଛି । ଓଡ଼ିଶାରେ ଦୁଇଟି ପୃଥକ୍ ପୃଥକ୍ ସ୍ଥାନରେ ମ୍ୟାଚ୍ ଆୟୋଜନ କରାଯିବାର ଯୋଜନା ରହିଛି । ଇଣ୍ଡିଆନ୍ ସୁପର୍ ଲିଗ୍ ଏବଂ ଆଇ-ଲିଗ୍ ଦୁଇ ଟିମ୍ କୁ ବାର୍ଷିକ ଟୁର୍ଣ୍ଣାମେଂଟରେ ଭାଗ ନେବା ନିମନ୍ତେ ଆମନ୍ତ୍ରିତ କରାଯାଇଛି । ଟୁର୍ଣ୍ଣାମେଂଟର ଫର୍ମାଟ୍ ରେ ୪-୪ ଟିମ୍ ର ୪ ସମୂହ ରହିବେ । ଯେଉଁମାନେ କି ନିଜ ନିଜ ମଧ୍ୟରେ ସିଙ୍ଗଲ୍ -ଲିଗ୍ ମ୍ୟାଚ୍ ଖେଳିବେ । ଗ୍ରୁପ୍ ବିଜେତା ସେମିଫାଇନାଲ୍ ପାଇଁ କ୍ୱାଲିଫାଏ କରିବେ । ଯାହାପରେ ୨୮ ଜାନୁଆରୀ ୨୦୨୪ ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

## ଶହୀଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ



ବାସୁଦେବପୁର, ୩୦/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଇରମ ପଂଚାୟତର ଶହୀଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଅଭିନବ ପ୍ରୟାସ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା ଯୋଜନା ରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ମୁଖ୍ୟ ଅତିଥି ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ଶ୍ରୀ ରାଉତରାୟ ରାଜ୍ୟ ସରକାର ଙ୍କ ଯୋଜନା କୁ ପ୍ରଶଂସା କରିବା ସହିତ କଲେଜ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଧାୟକ ପ୍ରତିନିଧି ଅସିତ ଦାଶ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ରାଜ କିଶୋର ବାରିକ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

OFFICE OF THE PANCHAYAT SAMIT, BASUDEVPUR

At/Po: Basudevpur, Dist: Bhadrak Email: Ori-basudevpur@nic.in

Order No 6400 Date: 31.11.2023

CORRIGENDUM NOTICE

In continuation to the Tender Call Notification No. 05/2023-24 Vide Order No-5922, dated -16.11.2023 and Memo No- 5995, Dated-16.11.2023 is hereby modified from 01.12.2023 to 06.12.2023 (Wednesday) for filling of bids by 1.00 PM and the said tender will be opened on 06.12.2023 at 4.00PM due to unavoidable engagement in official meeting.

Block Development Officeer
Basudevpur

OIPR: 19306/11/0008/2324

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମିଜୋରାମରେ ରହିବ...

କଂଗ୍ରେସ (୮-୧୦), ବିଜେପି (୦-୨)।

ଜନ୍ କି ବାତ୍- ଏମ୍‌ଏନ୍‌ଏଫ୍(୧୦-୧୪), ଜେଡ୍.ପି.ଏମ୍(୧୫-୨୫), କଂଗ୍ରେସ(୫-୯),ବିଜେପି (୦-୨)

ଟାଇମ୍ସ ନାଓ ଇଟିଜି – ଏମ୍‌ଏନ୍‌ଏଫ୍(୧୪-୧୮), ଜେଡ୍.ପି.ଏମ୍(୧୦-୧୪),କଂଗ୍ରେସ (୯-୧୩),ବିଜେପି (୦-୨)

ରି ପବ୍ଲିକ ଟିଭି ମାଟ୍ରାଇଜ୍-ଏମ୍‌ଏନ୍‌ଏଫ୍(୧୭-୨୨),ଜେଡ୍.ପି.ଏମ୍(୭-୧୨), କଂଗ୍ରେସ (୭-୮), ବିଜେପି (୧-୨)

## ଛତିଶଗଡ଼ରେ ବିଜେପିକୁ ...

ଦାବି କରାଯାଉଛି । । ଗବସ୍ପକ୍ସସଛରର ଏକଜିଟ୍ ପୋଲରେ ବିଜେପିକୁ ୩୪-୪୮, କଂଗ୍ରେସକୁ ୪୪-୫୨ ଓ ଅନ୍ୟଙ୍କୁ ୦-୪ ଆସନ ମିଳିପାରେ । ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାରେ ସରକାର ଗଢିବା ପାଇଁ ମ୍ୟାଜିକ୍ ସଂଖ୍ୟା ହେଉଛି ୪୬ । ୨୦୧୮ରେ ୬୮ ଆସନ ଜିତି କଂଗ୍ରେସ ସରକାର ଗଢିଥିଲା । ନଭେମ୍ବର ୭ରେ ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟରେ ୨୦ ଆସନରେ ୭୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୦ ବିଧାନସଭା ଆସନରେ ମୋଟ ୨୨୩ ଜଣ ପ୍ରାର୍ଥୀ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ୭୦ ଆସନରେ ୭୧ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା । ଛଶିତଗଡ଼ରେ ଦ୍ୱିତୀୟ ପର୍ଯ୍ୟାୟରେ ୮୨୭ ଜଣ ପୁରୁଷ, ୧୩୦ ଜଣ ମହିଳା ଓ ଅନ୍ୟ ଜଣଙ୍କ ସହ ମୋଟ ୯୫୮ ଜଣଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି ।

## ତେଲେଙ୍ଗାନାରେ ...

ଏଠାରେ ସଂଖ୍ୟା ଗରିଷ୍ଠତା ହାସଲ ପାଇଁ ଦରକାର ୬୦ ଆସନ। ତେବେ ଆସିଥିବା ଏକଜିଟ୍ ପୋଲ୍‌ରେ କଂଗ୍ରେସ ଆଗୁଆ ରହିଥିଲେ ହେଁ ବିଆରଏସ ମଧ୍ୟରେ କଡ଼ା ଟକ୍କର ହେଉଥିବା ଦେଖିବାକୁ ମିଳିଛି। ଯଦି କୌଣସି ଦଳକୁ ସଂଖ୍ୟା ଗରିଷ୍ଠତା ନ ମିଳେ ତେବେ ତେଲେଙ୍ଗାନାରେ ବିଜେପି କିଙ୍ଗ୍ ମେକର ଭୂମିକା ନିର୍ବାହ କରିପାରେ। ୧୧୯ ଆସନ ବିଶିଷ୍ଟ ତେଲେଙ୍ଗାନା ବିଧାନସଭା ନିର୍ବାଚନର ଫଳାଫଳ ଡିସେମ୍ବର ୩ରେ ପ୍ରକାଶ ପାଇବ। ରାଜ୍ୟରେ ଆଜି ମତଦାନ ସଂପନ୍ନ ହୋଇଛି। ୩.୨୬ କୋଟି ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀ, ବିଆରଏସ ପକ୍ଷରୁ ଚନ୍ଦ୍ରଶେଖର ରାଓଙ୍କ ପରି ନେତା ପ୍ରଚାର କରିଛନ୍ତି। ଏଥର ୨୨୯୦ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ବିଆରଏସ ୨୦୧୪ ପରଠୁ ରାଜ୍ୟରେ କ୍ଷମତାସୀନ ରହିଛି। ଦଳ ଏଥର ମଧ୍ୟ ନିର୍ବାଚନ ଜିତିବାକୁ ଯଥା ସମ୍ଭବ ଉଦ୍ୟମ କରିଛି। କଂଗ୍ରେସ ୨୦୧୮ ନିର୍ବାଚନରେ ପରାଜିତ ହେବା ପରେ ଏବେ ରାଜ୍ୟରେ କ୍ଷମତାକୁ ଫେରିବା ପାଇଁ ଅଣ୍ଟା ଭିଡିଛି। ବିଜେପି ଦକ୍ଷିଣ ଭାରତର ଏହି ରାଜ୍ୟରେ ନିଜର ସ୍ଥିତି ଜାହିର କରିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା ଚଳାଇଛି।

## ପରମ୍ପରା ବଜାଇ...

ସର୍ଭେ ଅନୁସାରେ ବିଜେପିକୁ ରାଜସ୍ଥାନରେ ୯୪-୧୧୪ ଆସନ ମିଳିପାରେ। ସେହିପରି କଂଗ୍ରେସ ୭୧-୯୧, ବିଏସ୍‌ପି ୦ ଆସନ ମିଳିବ। ଜନ କି ବାତ୍- ଜନ କି ବାତ୍‌ର ଏକ୍‌ଜିଟ୍ ପୋଲ ଅନୁସାରେ, ରାଜସ୍ଥାନରେ ପୁଣିଥରେ ପୂର୍ବ ପରମ୍ପରା ବଜାଇ ରହିବ। ଅର୍ଥାତ୍ ଥରେ କଂଗ୍ରେସ ତ ଥରେ ବିଜେପି। ସେହି ନ୍ୟାୟରେ ଏଥର ରାଜସ୍ଥାନରେ ବିଜେପି ବାଜି ମାରିବ। ଦଳ ୧୦୦-୧୨୨ ଆସନ ଜିତିବ। ଅନ୍ୟପଟେ କଂଗ୍ରେସ ୬୨-୮୫ ଆସନ ପାଇବ। ବିଏସ୍‌ପି ଗୋଟିଏ ବି ଆସନ ପାଇବ ନାହିଁ।

ଟାଇମ୍ସ ନାଓଁ ଇଟିଜି- ଟାଇମ୍ସ ନାଓଁ ଇଟିଜିର ଏକ୍‌ଜିଟ୍ ପୋଲରେ ମଧ ସମାନ କଥା. ଏଥର ରାଜସ୍ଥାନରେ ବିଜେପି ରାଜ୍। ରାଜ୍ୟରେ ବିଜେପି ୧୦୮ରୁ ୧୨୮ ଆସନ ହାତେଇବ। କଂଗ୍ରେସ ୫୬-୭୨ ଓ ବିଏସ୍‌ପି ୦। ଟିଭି୯ ଭାରତ ବର୍ଷ ପୋଲ୍‌ଷ୍ଟ୍ରାଟ୍- ଟିଭି୯ ଭାରତ ବର୍ଷରେ ଯଦିଓ କଂଗ୍ରେସକୁ ଅଧିକ ଆସନ ମିଳୁଥିବା ଦର୍ଶାଯାଇଛି। ତେବେ ବିଜେପି ଠାରୁ ଏହି ଆସନ ବହୁତ କମ ହେବ। ଟିଭି୯ ରିପୋର୍ଟ ଅନୁସାରେ,ବିଜେପି ୧୦୦ରୁ ୧୧୦, କଂଗ୍ରେସ ୯୦ରୁ ୧୦୦ ଆସନ ହାତେଇବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ଦୈନିକ ଭାସ୍କର- ବିଜେପି (୯୮-୧୦୫), କଂଗ୍ରେସ (୮୫-୯୫), ବିଏସ୍‌ପି (୦)

ଇଣ୍ଡିଆ ଟୁଡେ ଆକ୍ସିସ ମାଇଁ ଇଣ୍ଡିଆ- ବିଜେପି (୮୦-୧୦୦), କଂଗ୍ରେସ (୮୬-୧୦୬), ବିଏସ୍‌ପି (୧-୨)

## ଆସିଲେ ପ୍ରତ୍ୟୁଷାଙ୍କ...

ପଞ୍ଜିକରଣ ଅଧିକାରୀ ଏହା ଉପରେ ନିଜର ନିଷ୍ପତ୍ତି ଶୁଣାଇବେ। କଟକ ବିବାହ ପଞ୍ଜିକରଣ ଅଧିକାରୀ ଗୋପବନ୍ଧୁ ପରିଡା କହିଛନ୍ତି, ସୋମାଲିକା ଆଜି ଆସିଲେ ନାହିଁ। ସେ ଅସୁସ୍ଥ ଅଛନ୍ତି ବୋଲି ତାଙ୍କ ଓକିଲ୍ ମାଧ୍ୟମରେ କହିଛନ୍ତି। ସାକ୍ଷୀ ହିସାବରେ ପ୍ରତ୍ୟୁଷା ନନ୍ଦଙ୍କ ସ୍ୱାମୀ ତୃପ୍ତିରଞ୍ଜନ ରାଉଳଙ୍କୁ ଡାକିଥିଲୁ। ସେ ଆଜି ଆସିଥିଲେ। ବିବାହ ବିଚ୍ଛେଦ ହୋଇଛି ବୋଲି ପ୍ରମାଣ ଦେଖାଇଲେ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

## ଖାଡ଼ଗେ ହେବେ....

ଗାନ୍ଧିଙ୍କ ସମେତ ଅନେକ ବିରୋଧୀ ନେତାମାନେ ସମର୍ଥନ ଜଣାଇଛନ୍ତି। ନୂଆ ଦିଲ୍ଲୀ କଂଗ୍ରେସ ଅଧକ୍ଷଙ୍କ ଉପରେ ଲିଖିତ ବହିରେ ଏହି କଥା ସାମ୍ନାକୁ ଆସିଛି। ଏହି ସମୟରେ ବିରୋଧୀ ନେତାମାନେ 'ଇଣ୍ଡିଆ' ମେଣ୍ଟର ଏକତା ମଜଭୁତ କରିବାକୁ ଦୃଢ଼ ସଙ୍କଳ୍ପ ନେଇଛନ୍ତି। କିଛି ନେତା ଖାଡଗେ ଏହି ଗୋଷ୍ଠୀର ନେତୃତ୍ୱ ନେବା ଉଚିତ୍ ବୋଲି ମତ ଦେଇଛନ୍ତି। ପାଞ୍ଚଟି ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହେବାର କିଛି ଦିନ ପୂର୍ବରୁ ସୋନିଆ ଗାନ୍ଧି କହିଛନ୍ତି, 'ଭାରତର ଆତ୍ମା ପାଇଁ ଏହି ଐତିହାସିକ ଯୁଦ୍ଧରେ କଂଗ୍ରେସ ଦଳର ନେତୃତ୍ୱ ନେବାକୁ ଖାଡଗେ ହେଉଛନ୍ତି ସବୁଠାରୁ ଉପଯୁକ୍ତ ପ୍ରାର୍ଥୀ। ଏଥିରେ ମୋର ଏବଂ କଂଗ୍ରେସ ଦଳର ଦୃଢ଼ ସମର୍ଥନ ରହିଛି।' ସୋନିଆ ଗାନ୍ଧୀ ତାଙ୍କ ଅଭିଭାଷଣରେ ଖାଡଗେଙ୍କ ପ୍ରତିବଦ୍ଧତା ଏବଂ ଆଦର୍ଶକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ତାଙ୍କର ଚମତ୍କାର ଜୀବନ ଏବଂ କାର୍ଯ୍ୟ ଆଧୁନିକ ଭାରତର ପ୍ରତିଷ୍ଠାତା ତଥା ସ୍ଥପତିମାନଙ୍କ ଦ୍ୱାରା ଦିଆଯାଇଥିବା ମୂଲ୍ୟବୋଧର ଉଦାହରଣ ଅଟେ। ଅବିସ୍ମରଣୀୟ ଭାରତୀୟ ଆତ୍ମାକୁ ପରିପ୍ରକାଶ କରି ସେ ତାଙ୍କର ଦୀର୍ଘ ଯାତ୍ରାରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଗେଟ ୱେ ଫେଷ୍ଟ-୨୦୨୩ ଅନୁଷ୍ଠିତ



ବାଲେଶ୍ୱର, ୩୦/୧୧ (ନି.ପ୍ର): ଟେକ୍ନୋସଫ୍ଟ ଏଜୁକେସନାଲ ଟ୍ରଷ୍ଟ ବାର୍ଷିକ ଉତ୍ସବ ଗେଟ ୱେ ଫେଷ୍ଟ-୨୦୨୩ ଟେକ୍ନୋସଫ୍ଟ କମ୍ପ୍ୟୁଟର ଏଜୁକେସନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ରେମୁଣା ପଂଚାୟତ ସମିତିର ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ ଉଦ୍ଘାଟନ କରିଥିବାବେଳେ ଟେକ୍ନୋସଫ୍ଟ ଏଜୁକେସନାଲ ଟ୍ରଷ୍ଟର ଅଧକ୍ଷ ପ୍ରଶାନ୍ତ କୁମାର ପଟେଲ ସଭା ପରିଚାଳନା କରିଥିଲେ । ମୁଖ୍ୟ ବକ୍ତା ଭାବରେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ , ସମାଜସେବୀ ଦୀପକ ମଲିକ ,ଶ୍ରଦ୍ଧା ସବୁରୀ ଟ୍ରଷ୍ଟର ସଭାପତି ବିଶ୍ୱଜିତ ମହାନ୍ତି ଅତିଥି ଭାବରେ ଯୋଗଦାନ କରି ଦୀର୍ଘ ୧୪ ବର୍ଷରୁ ଉର୍ଦ୍ଧ ସମୟ ଧରି ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରଦାନ କରିବାରେ ଟେକ୍ନୋସଫ୍ଟ ଏକ ମାଇଲ ଖୁଂଟ ସ୍ଥାପନ କରିଛି ବୋଲି କହିବା ସହିତ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ। ଗେଟ ୱେ ଫେଷ୍ଟ କମିଟିର ସଭାପତି ସନତ କୁମାର ପରିଡା ଅତିଥି ମାନଙ୍କୁ ମଂଚ ଆବାହନ କରିବା ସହିତ ଅତିଥି ପରିଚୟ ପ୍ରଦାନ ଏବଂ ସଂପାଦିକା ସୋନାଲିଶିଖା ପାଣିଗ୍ରାହିଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଶିଶୁ କଣ୍ଠଶିଳ୍ପୀ ହରିଓମ ଶରଣମ , ଯୁବସଂଗଠକ ତଥ ସମାଜସେବି ରାଜେଶ କୁମାର ଗିରି ଏବଂ କବି ମଧୁସୂଦନ ମିଶ୍ରଙ୍କୁ ଗେଟ ୱେ ଫେଷ୍ଟ-୨୦୨୩ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯିବା ସହିତ ଅନୁଷ୍ଠାନର ସଦସ୍ୟା ଜ୍ୟୋତି ପ୍ରଜ୍ଞା ଦାସ ,ସଦସ୍ୟ ତଥା କଣ୍ଠଶିଳ୍ପି ଅରୂପ କୁମାର ଦାସ , ହିମାଂଶୁ ଜେନା, କୈଳାଶ ମଲିକ ,ଶିବଶଙ୍କର ମହାପାତ୍ର ଙ୍କୁ ଅନୁଷ୍ଠାନ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ଭରପୁର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୋନାଲିଶିଖା ପାଣିଗ୍ରାହି ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ସଦସ୍ୟ ଜୟଦେବ ମଲିକ, ରାକେଶ ନାୟକ, ଗୌରବ ପରିଡା, ମାନସ ଜେନା , ଓମ ପ୍ରକାଶ ଜେନା , ଉଦିତ ନାରାୟଣ ବେହେରା , ସୁନିଲ ଜେନା , ସିଜନ ପାଣିଗ୍ରାହି, ଲିପ୍ସା ବେହେରା ,ଲକ୍ଷ୍ମିପ୍ରିୟା ରାଉତ, ମିନାକ୍ଷି ଲେଙ୍କା , କାର୍ତ୍ତିକ ଜେନା,ଉମେଶ ମହାଳିକ,ବିଷ୍ଣୁ ପ୍ରସାଦ ନାୟକ,ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବୈଜୟନ୍ତ ପଣ୍ଡାଙ୍କ ପ୍ରଚେଷ୍ଟାରେ ଗବୋନରୁ ଫେରୁଛନ୍ତି ଆଉ ୫ ଶ୍ରମିକ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ହସ୍ତକ୍ଷେପ ପରେ ଗବୋନ (ମଧ ଆଫ୍ରିକା)ରେ ଫସିଥିବା ୨୧ ଜଣ ଶ୍ରମିକଙ୍କ ମଧ୍ୟରୁ ଚଳିତ ମାସ ୨୬ ତାରିଖରେ ୫ଜଣ ଭାରତ ଫେରିଆସିଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡା ଜିଲ୍ଲାର ଆଉ ୫ ଶ୍ରମିକ ଫେରୁଛନ୍ତି। ଅନ୍ୟ ୧୧ ଜଣ ପର୍ଯ୍ୟାୟକ୍ରମେ ଭାରତ ଫେରିବେ ବୋଲି ଦୂତାବାସ ପକ୍ଷରୁ ସୂଚନା ମିଳିଛି। ଦୂତାବାସ ସୂଚନା ଅନୁସାରେ ଆଜି କେନ୍ଦ୍ରାପଡା ଜିଲ୍ଲା ଅର୍ନ୍ତଗତ ଆଳି ନିର୍ବାଚନ ମଣ୍ଡଳୀର ଶରତ କୁମାର ନାୟକ, ନିରାକାର ସାହୁ, ପ୍ରମୋଦ ଖଟୁଆ, ରବିନ୍ଦ୍ର କୁମାର ମହାନ୍ତି ଏବଂ ବିଚିତ୍ର କୁମାର ବିଶ୍ୱାଳ ଗବୋନରୁ ବିମାନ ଯୋଗେ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି।

ଶୁକ୍ରବାର, ଡିସେମ୍ବର ୦୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଲିଫ୍ଟ ମାଗି ୮୦ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ : ଅଭିଯୋଗ ପରେ ୨ଗିରଫ, ଟଙ୍କା ଜବଦ

ବାରିପଦା , ୩୦/୧୧ (ନି.ପ୍ର): ଲୁଟେରା ମାନେ ଏବେ ଲୋକଙ୍କୁ ଲୁଟିବା ପାଇଁ ନୂଆ ପନ୍ଥା ଆପଣାଉ ଥିବାର ଦେଖା ଯାଉଛି। ଏ ଭଳି ଏକ ଲୁଟ ଘଟିଛି ବାରିପଦାରେ। ସୂଚନା ମୁତାବକ ମଙ୍ଗଳବାର ଦିନ ବାରିପଦା ଲାଲ ବଜାର ଅଞ୍ଚଳର ସାଗର ଦାସ (୨୪) ନିଜ ମୋଟର ସାଇକେଲରେ ଆସୁଥିବା ବେଳେ ଦୁଇ ଜଣ ଲୋକ ତାଙ୍କୁ ମେଡ଼ିକାଲ ଯିବେ ଜରୁରୀ ଅଛି କହି ଲିଫ୍ଟ ମାଗିବାରୁ ସାଗର ସରଳ ବିଶ୍ୱାସରେ ସେ ଦୁଇ ଜଣଙ୍କୁ ନିଜ ମୋଟର ସାଇକେଲରେ ଆଣି ମେଡ଼ିକାଲ ରାସ୍ତାରେ ଛାଡି ଥିଲେ। ପରେ ନିଜ ଅଫିସ ପହଞ୍ଚି ସାଗର ତାଙ୍କ ବ୍ୟାଗରେ କଳଲେକ୍ସନ ହୋଇଥିବା ୮୦ହଜାର ଟଙ୍କା ନଥିବାର ଜାଣି ଲିଫ୍ଟ ଦେଇଥିବା ଜୁଇଜଣଙ୍କୁ ସନ୍ଦେହ କରି ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେଶ ନଂ ୭୪୧ମୂଳେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଦୁଇଜଣ ଅସମୀଙ୍କୁ ଅଟକ ରଖି ଅଭିଯୋଗ କାରୀଙ୍କୁ ଚିହ୍ନଟ ପାଇଁ ଡାକିଥିଲେ। ତେବେ ଅଭିଯୋଗ କାରି ଚିହ୍ନଟ କରିବା ପରେ ଦୁଇ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ଠାରୁ ନଗଦ ୧୪ହଜାର ୨୨୦ଟଙ୍କା ଜବତ କରିଥିଲା। ବାକି ଟଙ୍କା ସେମାନେ ଦୁହେଁ ଖର୍ଚ୍ଚ କରି ଦେଇଥିବାର ସ୍ୱୀକାର କରିଥିଲେ। ଗିରଫ ଦୁଇଜଣ ଅଭିଯୁକ୍ତ ବାରିପଦା କଳିକପୁର ଅଞ୍ଚଳର ଗୋପାଳ ଚନ୍ଦ୍ର ଦୁବେ (୩୦) ଏବଂ ଟୁନା ଦୁବେ(୨୭) ବୋଲି ଜଣାଯାଇଛି।



ଉଭୟ ଆସାମୀ ପେଶାଦାର ଅପରାଧୀ ଅଟନ୍ତି। ସେମାନଙ୍କ ନାମରେ ବାରିପଦା ଟାଉନ ଥାନାରେ ପୂର୍ବରୁ ବହୁ କେଶରହିଥିବାର ଡିଆଇବି ଡ଼ିଏସପି ଏସ. ଏନ. ଦାସ ଜଣାଇଛନ୍ତି।

# ୩ରେ ବାତ୍ୟା , ଓଡିଶା ଉପରେ ନାହିଁ ପ୍ରଭାବ : ଆଇଏମଡି ଡିଜି

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଓଡିଶା ଉପରେ ସମ୍ଭାବ୍ୟ ବାତ୍ୟାର ସିଧାସଳଖ ପ୍ରଭାବ ପଡିବ ନାହିଁ ବୋଲି କହିଛନ୍ତି ଭାରତୀୟ ପାଣିପଗ ବିଭାଗ ର ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି ଯେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ସକ୍ରିୟ ସୁଦୃଶ-ଲଘୁଚାପ କ୍ଷେତ୍ର ପଶ୍ଚିମ-ଉତରପଶ୍ଚିମ ଦିଗରେ ଗତିକରିବା ସହ ଆଗାମୀ ୨୪ଘଂଟା ମଧ୍ୟରେ ଏକ ଅବପାତ ରେ ପରିଣତ ହେବାର ସମ୍ଭାବନା ରହିଛି। ବର୍ତମାନ ଲଘୁଚାପଟି ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଂଚଳରେ ପହଂଚି ଆହୁରି ଘନୀଭୂତ ହୋଇ ୩ ତାରିଖ ବେଳକୁ ଏକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତୀ ସମୟରେ ଏହା ଉତରପଶ୍ଚିମ ଦିଗରେ ଗତିକରି ୪ ତାରିଖ ପାହାନ୍ତିଆ ବେଳକୁ ଉତର ତାମିଲନାଡୁ କିମ୍ବା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ପାଖାପାଖି ପହଁଚିବାର ସମ୍ଭାବନା ରହିଛି । ବର୍ତମାନର ମଡେଲ ଅନୁସାରେ ଏହାର କୌଣସି ପ୍ରତ୍ୟକ୍ଷ ବା ସିଧାସଳଖ ପ୍ରଭାବ ଓଡ଼ିଶାରେ ପଡିବ ନାହିଁ।

# ବାଲେଶ୍ୱରରେ ଗଡ଼ିଲା ବିକଶିତ ଭାରତ ସଂକଳ୍ପ ଯାତ୍ରାର ୩ ଗୋଟି ଆଇ.ଇ.ସି ଭ୍ୟାନ




ବାଲେଶ୍ୱର, ୩୦/୧୧ (ନି.ପ୍ର): ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କଲେକ୍ଟୋରେଟ୍ ପରିସରରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମାନ୍ୟବର ସଭାପତି, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ ମଞ୍ଚାସୀନ ଥିଲେ । ଜିଲ୍ଲାର ୧୨ଟି ବ୍ଲକ୍ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରୁଥିବା ଏହି ଅଭିଯାନରେ ୩ ଗୋଟି ଆଇ.ଇ.ସି (ସୂଚନା, ଶିକ୍ଷା ଏବଂ ଯୋଗାଯୋଗ) ଭ୍ୟାନ୍ ଗ୍ରାମାଞ୍ଚଳ ତଥା ସହରାଞ୍ଚଳକୁ ଯାଇ ସାଧାରଣ ଜନତାଙ୍କ ନିମନ୍ତେ କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନା ଯଥା ପ୍ରଧାନ ମନ୍ତ୍ରୀ ଆୱାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଭାରତ, ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆଦି ଉପରେ ବିସ୍ତାର ସୂଚନା ପ୍ରଦାନ ଏବଂ ସଚେତନତା ସୃଷ୍ଟି କରିବ ଓ ସଭା ଆରମ୍ଭରେ ଆଭାସୀ ମାଧ୍ୟମରେ ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କର ବାର୍ତ୍ତା ତଥା ସାଧାରଣ ଜନତାଙ୍କ ସହ ବାର୍ତ୍ତାଳାପ ପ୍ରସାରଣ କରାଯାଇଥିଲା । ଏହି ସଭାରେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଯୋଗ ଦେଇଥିବା ବିଶିଷ୍ଟ ଅତିଥି ତଥା ସାଧାରଣ ନାଗରିକମାନଙ୍କୁ ସମ୍ବୋଧିତ କରି କହିଥିଲେ କି ଏହି କାର୍ଯ୍ୟକ୍ରମ ଲୋକମାନଙ୍କୁ ସରକାରୀ ଯୋଜନାର ନିକଟତର କରିବାର ଏକ ସୁଯୋଗ ଅଟେ। ବିକଶିତ ଭାରତ ସଂକଳ୍ପ ଯାତ୍ରା ଲୋକମାନଙ୍କ କଲ୍ୟାଣ ଏବଂ ଆର୍ଥିକ ଉନ୍ନତି ପାଇଁ ପରିକଳ୍ପିତ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ଉପକୃତ ହେବା ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ପ୍ରମାଣିତ ହେବ । ବର୍ତ୍ତମାନ, ଆମେ ଏହି ପଦକ୍ଷେପଗୁଡ଼ିକୁ ସମଗ୍ର ଦେଶରେ ପ୍ରୋତ୍ସାହିତ କରିବୁ, ଲୋକଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବୁ ଏବଂ ସେମାନଙ୍କ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବୁ ଓ ଏହାର ଅଂଶ ହୋଇ ଅଭିଯାନକୁ ଏହାର ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ନେବା ନିମନ୍ତେ ପ୍ରତିଶ୍ରୁତି ଦେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଓ ସେ କହିଥିଲେ ଯେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦର୍ଶନ ଅନୁଯାୟୀ ଦେଶ ଦ୍ରୁତ ପ୍ରଗତି ଏବଂ ସମୃଦ୍ଧି ଆଡକୁ ଗତି କରୁଛି ଏବଂ ସାଧାରଣ ଲୋକଙ୍କ ସ୍ୱପ୍ନ ସାକାର ହେବାର ଦିନ ଦୂର ନୁହେଁ। ଲୋକମାନଙ୍କର ଅଂଶଗ୍ରହଣ ହେଉଛି ଗଣତନ୍ତ୍ରର ମୂଳ ଆଧାର ଯାହା ଗତ ଏକ ଦଶନ୍ଧି ଧରି ଗତିଶୀଳ ହେଉଛି ଓ ୨୦୪୭ ମସିହା ସୁଦ୍ଧା ଭାରତ ଏକ ବିକଶିତ ଦେଶ ହେବାକୁ ଲକ୍ଷ୍ୟ ରଖିଛି ଏବଂ ଆମେ ଚାହୁଁ ସାଧାରଣ ଲୋକ ସରକାରୀ ଯୋଜନାରେ ଜଡିତ ହୋଇ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତୁ । ପରିଶେଷରେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବିକଶିତ ଭାରତ ସଂକଳ୍ପର ସମୂହ ଶପଥ ପଠନ କରାଯାଇଥିଲା । ଉକ୍ତ ସଭାରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, କର୍ମକର୍ତ୍ତା, ମିଶନ ଶକ୍ତି ମହିଳାବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ଜଣ ସାଧାରଣ ଲୋକ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଗଜସାଥୀମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ନୀଳଗିରି , ୩୦/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନୀଳଗିରି ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଗୁରୁବାର ସକାଳ ୧୦ ଘଟିକା ସମୟରେ ଗଜସାଥୀମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ନୀଳଗିରି ବନାଞ୍ଚଳ ଅଧିକାରିଣୀ ଆଇସା ଏ ନିଶା ଏବଂ ବନପାଳ ନୀଳଗିରି ଗଜସାଥୀମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ନୀଳଗିରି ହାତୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ହାତୀମାନଙ୍କର ସୁରକ୍ଷା ସହ ଧନ ଜୀବନ ସୁରକ୍ଷା ପ୍ରତି ଦୃଷ୍ଟି ରଖି ଗଜସାଥିମାନେ କାର୍ଯ୍ୟ କରିବାକୁ ବନାଞ୍ଚଳ ଅଧିକାରିଣୀ ବିଶଦ ଭାବରେ ଆଲୋଚନା କରିଥିଲେ । ବନବିଭାଗ ତରଫରୁ ଗଜସାଥିମାନଙ୍କୁ ଟୋପି, ପାଣି ବୋତଲ ଏବଂ ଜର୍ସି ପ୍ରଦାନ କରାଯାଇଥିଲା।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଇୱାଇଡିପି ଉଦ୍‌ଘାଟିତ



ଖଇରା, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ (ଆଇୱାଇଡିପି)ବୁଧବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ଅଧ୍ୟକ୍ଷା ଅନିତାରାଣୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାର ଯେତିକି ଆବଶ୍ୟକତା ସମାନ ପରିମାଣରେ କ୍ରୀଡା, ସଂସ୍କୃତି, ସାମାଜିକ କାର୍ଯ୍ୟକ୍ରମର ମଧ୍ୟ ଆବଶ୍ୟକତା ଅଛି । ଏଣୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମଗ୍ରିକ ବିକାଶ ଯୁବ ଓଡିଶା ନବୀନ ଓଡିଶାର ଲକ୍ଷ ବୋଲି କହିଥିଲେ । ନୋଡାଲ ଅଧିକାରୀ ଭାବେ ବିଷ୍ଣୁ ପ୍ରସାଦ ରାଉଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସରପଞ୍ଚ ରବିନ୍ଦ୍ର ନାୟକ ଓ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀ ମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଅଧ୍ୟାପିକା କ୍ରୀଷ୍ଣା କୁମାରୀ ଖଟୁଆ, ଜ୍ୟୋସ୍ନାବାଳା ଦାସ,ସୁଲୋଚନା ଦାସ, ମମତାମୟୀ ପଣ୍ଡା ଓ ଅଧ୍ୟାପକ ବସନ୍ତ କୁମାର ସୂତାର, ଅର୍ଜୁନ ଚରଣ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବରହମପୁର ଡିଗ୍ରୀ ମହାବିଦ୍ୟାଳୟରେ ନୂଆ - ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍ଘାଟିତ




ନୀଳଗିରି , ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ବରହମପୁର ଡିଗ୍ରୀ ମହାବିଦ୍ୟାଳୟରେ ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶାର ଉଦ୍ଘାଟନ ଉତ୍ସବ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗଦାନ କରି ଆନୁଷ୍ଠାନିକ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଗଣିତ ପ୍ରାଧାପକ ପ୍ରଫେସର ରବିନାରାୟଣ ଚୌଧୁରୀ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ନୀଳଗିରି ବ୍ଲକ୍ ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଯୁବ ବିକାଶ କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଅଭିଭାଷଣରେ କହିଛନ୍ତି। ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱ ରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ନୋଡାଲ ଅଫିସର ପ୍ରଫେସର ଅଜିତ କୁମାର ସ , ସହ ନୋଡାଲ ଅଫିସର ଶୁଭକାନ୍ତ ବେହେରା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ ଡ. ରଞ୍ଜିତ କୁମାର ପାଣି, ରବୀନ୍ଦ୍ର ପଶା, ଜ୍ୟୋସ୍ନାରାଣୀ ଆଚାର୍ଯ୍ୟ, ନମିତାରାଣୀ ଆଚାର୍ଯ୍ୟ, ଅଞ୍ଜନା ମହାନ୍ତି, ସତ୍ୟରଞ୍ଜନ ପରିଡା, କାର୍ତ୍ତିକ ଜେନା ଏବଂ କଲେଜର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ଅଧାପକ ସୁବାସ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଟିଭି କଳାକାର ପ୍ରଫୁଲ୍ଲ ପଣ୍ଡା ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଏହି ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଆଗାମୀ ଦିନରେ ଚାଲୁ ରହିବ ବୋଲି ସୂଚନା ମିଳିଛି।

# ହାଇୱାକୁ ପଛପଟୁ ଧକ୍କା ଦେଲା ସ୍କୁଟି: ସ୍ତ୍ରୀ ମୃତ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): କଟକ ପାରାଦୀପ ରାସ୍ତାରେ କମରପଦା ଛକ ନିକଟରେ ଦୁର୍ଘଟଣା । ଏକ ହାଇୱା ପଛ ପଟୁ ଧକ୍କା ଦେଇଛି ଏକ ସ୍କୁଟି । ଦୁର୍ଘଟଣାରେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି । ସ୍ୱାମୀଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ କିଶନ ନଗର ଥାନା ପୋଲିସ ପହଂଚି ତଦନ୍ତ କରିବା ସହ ଗାଡି ଓ ଚାଳକଙ୍କୁ ଅଟକ ରଖିଛି ।

# ଅଗ୍ନିକାଣ୍ଡରେ ଜଳିଗଲା ଘର: ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

ବସ୍ତା,୩୦।୧୧(ନିପ୍ର): ବସ୍ତା ବ୍ଲକ୍ ଅନ୍ତର୍ଗତ ଆମ୍ବକୁଡୁଚି ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ହରିଶ୍ଚନ୍ଦ୍ର ସେନାପତି ଙ୍କ ଘରେ ହଠାତ୍ ନିଅ ?ାଁ ଲାଗିଯିବାରୁ ତାଙ୍କ ଘର ପୋଡ଼ି ପାଉଁଶ ହେବା ସହିତ ଏହି ଅଗ୍ନିକାଣ୍ଡରେ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି ।ଘଟଣାରୁ ପ୍ରକାଶ ଗତକାଲି ହରିଶ୍ଚନ୍ଦ୍ର ସେନାପତିଙ୍କ ପରିବାର ଘର ନ ଥିବାବେଳେ ହଠାତ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁ ଲାଗିଥିବା ଦେଖିପାରି ହରିଶ୍ଚନ୍ଦ୍ର ଙ୍କୁ ଖବର ଦେବା ସହ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ।ମାତ୍ର ନିଆଁର ପ୍ରକୋପ ଜୋର୍ ଥିବାରୁ ଆୟତ୍ତ ନ କରି ପାରି ବସ୍ତା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ବସ୍ତା ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ପ୍ରତାପ ଚନ୍ଦ୍ର ପାଲ ପହଂଚିବା ବେଳକୁ ନଡ଼ା ଛପର ନିର୍ମିତ ଘରର ଗୋଟିଏ ବଖରା ପୋଡ଼ିଯିବା ସହ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କାର ଆସବାପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା ।ଦୀର୍ଘ ସମୟର ପ୍ରଚେଷ୍ଟା ପରେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲା ।ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନାହିଁ ।ଘଟଣା ସମ୍ପର୍କରେ ଆଜି ଶ୍ରୀ ପାଲ ରଘୁନାଥପୁର ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଇବା ପରେ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତିର ଆକଳନ ଜାରି ରଖିଛନ୍ତି ।ଉକ୍ତ ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡିକେ କଲେଜର ୨ୟ ପର୍ଯ୍ୟାୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଜଳେଶ୍ୱର , ୩୦/୧୧ (ନି.ପ୍ର): ସମଗ୍ର ଉତ୍ତର ବାଲେଶ୍ୱରର ସର୍ବୁ ପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟରେ ଆଜି ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟରେ ସାମାଜିକ କାର୍ଯ୍ୟ ଓ ସଚେତନତାର ପ୍ରଥମ ଦିବସରେ ଯୋଗ ଓ ସଡକ ସୁରକ୍ଷା ସଚେତନତା ଅନୁଷ୍ଠିତ ହୋଇ ଯାଇଛି । ସକାଳ ୮ଟାରେ ଅଧ୍ୟକ୍ଷ ଦିଲ୍ଲିପ ପଣ୍ଡା ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । +୨ ଓ +୩ର ଏହି କାର୍ଯ୍ୟକ୍ରମ ତତ୍ୱାବଧାରକ ପ୍ରଧ୍ୟାପକ ଡ. ହିମାଂଶୁ ସେଖର ସାମଲ ଓ ପ୍ରାଧ୍ୟାପକ ସୁକାନ୍ତ ଦାସ ଯୋଗ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ପତଞ୍ଜଳି ଯୋଗ ପୀଠାର ଯୋଗ ଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀ ଓ ନନ୍ଦିନୀ ସାହୁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଗ ଶିକ୍ଷା ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ପ୍ରାଧ୍ୟାପକ ସନ୍ୟାସୀଚରଣ ପାତ୍ର ଓ ଚିତ୍ତରଂଜନ ଭଂଜଙ୍କ ନେତୃତ୍ୱରେ ସଡକ ସୁରକ୍ଷା କାର୍ଯ୍ୟକ୍ରଅ ଅନୁଷ୍ଠିତ ଯୋଇଥିଲା । ଅଧ୍ୟାପକ ମାନସ ଦାସ, ସମୀର ଦାସ, ବିରଞ୍ଚିନାରାୟଣ ସାହୁ, ପୁଷ୍ପାଞ୍ଜଳି ପାଇକରାୟ, ପ୍ରିୟଦର୍ଶିନୀ କର, କବିତା ଖୁଣ୍ଟିଆ, ସସ୍ମିତା ସେଠୀ, ରତିକାନ୍ତ ମିଶ୍ର, ରାଜେନ୍ଦ୍ର ମାଝି, କୁନାଲ ଖଟୁଆ, ବିଜୟ ମଲ୍ଲିକ, ରୋଜି ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବୀମା ଯୋଜନା ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଘେରିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଇଏସଆଇ ଡାକ୍ତରଖାନା ଗୁଡ଼ିକର ସୁଧାର ଏବଂ ନାରୀ ନିର୍ଯ୍ୟାତନାରେ ସଂପୃକ୍ତ ଡାକ୍ତର ଦିଲ୍ଲୀପ ସାହୁଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର ରାଜ୍ୟ ବୀମା ଯୋଜନା ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଥିଲେ ଯେ ଓଡ଼ିଶରେ ଇଏସଆଇ ହସପିଟାଲର ସ୍ଥିତି ଉଦ୍‌ବେଗଜନକ। ଡାକ୍ତରମାନଙ୍କ ଅଭାବରୁ ଇଏସଆଇ ଠିକ୍ ଭାବରେ ଚିକିତ୍ସା ଯୋଗାଇ ପାରୁନାହିଁ। ବିଭିନ୍ନ ଜିଲ୍ଲାରେ ଥିବା ଇଏସଆଇ ହସପିଟାଲ ବେଡରେ ଧୂଳି ଲାଗିଗଲାଣି ତ ଯନ୍ତ୍ରାଂଶ ଖତ ଖାଇଗଲାଣି। ଯେଉଁମାନେ ଇଏସଆଇ ହସପିଟାଲ ଉପରେ ନିର୍ଭରଶୀଳ ସେମାନେ ହଇରାଣ ହରକତ ହେଉଛନ୍ତି ଏବଂ ଇଏସଆଇର ମୁଖ୍ୟ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ସେହିପରି ମହିଳା ଷ୍ଟାଫଙ୍କୁ ନିର୍ଯ୍ୟାତନା ଦେଇଥିବା ଏବଂ ଦୁଷ୍କର୍ମ ଉଦ୍ୟମ କରିଥିବା ଡାକ୍ତରଙ୍କୁ ସୁରକ୍ଷା ଦିଆଯାଉଛି। ଇଏସଆଇ ରେ କାର୍ଯ୍ୟରତ ଡାକ୍ତର ଦିଲ୍ଲୀପ କୁମାର ସାହୁ ପାରାଦ୍ୱୀପରେ ପୋଷ୍ଟିଂ ପାଇଥଲେ ହେଁ ଭୁବନେଶ୍ୱରର ରାଜମହଲ ଛକ ସ୍ଥିତ ଅପଟିକୋରେ ପ୍ରାକ୍ଟିସ କରୁଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଲା ଏ+ ଗ୍ରେଡ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ପୁନଃବିଚାର ପରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ 'ଏ+ ' ଗ୍ରେଡ଼ ଦେଇଛି ନାକ। ଗତ ମେ ମାସରେ ଆସିଥିବା ନାକ ଟିମ ଦେଇଥିଲା 'ଏ' ଗ୍ରେଡ। ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ଏହାର ପୁନଃ ବିଚାର ପାଇଁ ଆବେଦନ କରିଥିଲେ। ପୁନଃ ବିଚାର ନାକ ଟିମ୍ ଉତ୍କଳ ବିଶ୍ୱବିଦ୍ୟାଳୟକ ଏ+ ଗ୍ରେଡ ଦେଇଛି। ଏନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ପାଇଁ ଖୁସି ଖବର। ଉତ୍କଳ ବିଶ୍ୱବିଦ୍ୟାଳୟ ଦେଶର ୧୦୦ ବିଶ୍ୱବିଦ୍ୟାଳୟ ଭିତରେ ୪ ବର୍ଷ ହେଲାଣି ରହି ଆସିଛି। ଟିମ ୱାର୍କ ପାଇଁ ଏହା ସଫଳ ହୋଇପାରିଛି। ୫ ବର୍ଷ ପରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଏ++ ଗ୍ରେଡ ପାଇବ। ଆଗକୁ ସବୁ ବିଭାଗରେ କିପରି ଉନ୍ନତି ହେବ ତାକୁ ଧ୍ୟାନ ଦିଆଯିବ। ଏଠି ଛାତ୍ରଛାତ୍ରୀଙ୍କ ପାଇଁ ସବୁ ବ୍ୟବସ୍ଥା ରହିଛି। ଏବେ ନୂଆ ଶିକ୍ଷା ନୀତିକୁ ଲାଗୁ କରାଯିବା ଫଳରେ ଅଧିକ ସୁବିଧା ମିଳିବ।

# ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ "ନୂଆ-ଓ" ଯୋଜନା ଅନ୍ତର୍ଗତ ସାମାଜିକ କାର୍ଯ୍ୟକଳାପ




ଭଦ୍ରକ, ୩୦/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ "ନୂଆ-ଓ" ଯୋଜନା କାର୍ଯ୍ୟକ୍ରମରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ସାମାଜିକ କାର୍ଯ୍ୟ ଏବଂ କାର୍ଯ୍ୟକଳାପର ଶୁଭାରମ୍ଭ ଆଜି ସକାଳ ୮ ଘଟିକାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ସଂଜୀବ କୁମାର ମଲ୍ଲିକ, କଲେଜ ପରିଚାଳନା କମିଟିର ଅଧକ୍ଷ ଡ. ଶୈଳେନ୍ଦ୍ର ମହାପାତ୍ର, ସଭ୍ୟ ଡ. ବଳରାମ ମିଶ୍ର, ସଭ୍ୟ ଇଂ ଅଭୟ କୁମାର ସୂତାର, ୱାର୍ଡ ନଂ ୧୦ ର କାଉନସିଲର ପ୍ରତିନିଧି ପଂକଜ କୁମାର ବଳ, ଭଦ୍ରକ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନର ସଂପାଦକ ଅଜୟ କୁମାର ନାୟକ, ଅଧକ୍ଷ ଦାୟିତ୍ୱରେ ଥିବା ବରିଷ୍ଠ ଅଧାପକ ଡ. ଦୁର୍ଗାଶଙ୍କର ଦାସ, ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ ଓ କାର୍ଯ୍ୟକ୍ରମର ସଂଯୋଜକ ଡ. ପଦ୍ମନାଭ ପତ୍ରୀ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସାମାଜିକ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ୍ ମୁକ୍ତ ସମାଜ, ନାରୀ ଶିକ୍ଷା, ସୁସ୍ଥ ଜୀବନ, ନିଶା ସେବନର କୁପରିଣାମ ଅଭିଯାନ ସହିତ ଯୋଗଶିକ୍ଷା, ରକ୍ତଦାନ, ସଫେଇ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ ପ୍ଲାଷ୍ଟିକ୍ ମୁକ୍ତ ସମାଜର ଏକ ବିଶାଳ ଅଭିଯାନ ସହର ପରିକ୍ରମା କରିଥିଲା। ଏବଂ ପରେ କଲେଜ ପଡିଆ ଓ କଲେଜ ପରିସରକୁ ପ୍ଲାଷ୍ଟିକ୍ ସାମଗ୍ରୀମାନର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧାପକ ଡ. ସୁଦର୍ଶନ ଦାସ ଓ ଡ. ନାରାୟଣ ବେହେରା ପରିଚାଳନାରେ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo